# ସମୟର ପର୍ଦ୍ଦାର ଆର ପାର୍ଶ୍ୱରେ

ମୁଁ ଏଠାରେ ଏହା ଘୋଷଣା କରିବାକୁ ଚାହୁଁଛି ଯେ ଆପଣମାନଙ୍କର ପ୍ରାର୍ଥନାଗୁଡ଼ିକର ଉତ୍ତର ଦିଆଯାଇଅଛି, ଆମର ସଭାଗୁଡ଼ିକ ଉତ୍ତମ ଭାବେ ହୋଇଅଛି ଯେପରିକି ତାହା ବହୁ ବର୍ଷ ପୂର୍ବେ ହେଉଥିଲା ଯେତେବେଳେ ମୁଁ ସେବାକାର୍ଯ୍ୟରେ ପ୍ରଥମେ ପ୍ରଥମେ ଆରମ୍ଭ କରିଥିଲି । ମୁଁ କେବେ ହେଲେ ବି...ଆମ ପାଖରେ ତ ଲୋକମାନଙ୍କୁ ବସାଇବା ନିମନ୍ତେ ସ୍ଥାନ ସୁଦ୍ଧା ରହୁ ନ ଥିଲା । ଏବଂ ମେଳା ପଡିଆଗୁଡିକୁ ଏବଂ ଅନ୍ୟାନ୍ୟ ସ୍ଥାନଗୁଡିକୁ ନେବାକୁ ପଡିଥିଲା, ସେଠାରେ ତିନି ଘଟିକା ବେଳକୁ ଏତେ ଅଧିକ ଲୋକମାନେ ହୋଇଯାଉଥିଲେ, ଯେ ସେହି ସ୍ଥାନଟି ପୂରଣ ହୋଇଯାଏ । ସେମାନଙ୍କୁ ଦ୍ୱାରଗୁଡିକୁ ବନ୍ଦ କରିବାକୁ ପଡିଥିଲା, ଲୋକମାନଙ୍କୁ ଭିତରକୁ ଆସିବାକୁ ଦିଆଯାଉ ନ ଥିଲା । ଆମେମାନେ ସାତ ଘଟିକା ପର୍ଯ୍ୟନ୍ତ ସେଠାରେ ପହଞ୍ଚି ନ ଥିଲୁ । ବୁଝିଲେ? ସବୁ ସ୍ଥାନରୁ କେବଳ ହଜାର ହଜାର ଲୋକମାନେ ଆସିଥିଲେ । କେବଳ...

2 ଏବଂ ମୁଁ ଏହି ବିଗତ ସଭାରେ ସେହି ଶେଷ ପାଞ୍ଚୋଟି ରାତ୍ରିକୁ ନେଇଥିଲି, ଏବଂ କେବଳ ସେହି ବାକ୍ୟର ଚାରିପାଖରେ ବିଷୟବସ୍ତୁ ନିର୍ମାଣ କରିଥିଲି, ଏବଂ ଏହା ହୃଦୟଙ୍ଗମ କରିବାକୁ ଆରମ୍ଭ କଲି ଯେ ବାକ୍ୟରେ କି ଏକ ସାମର୍ଥ୍ୟ ଅଛି । ବୁଝିଲେ? କାରଣ, ବାକ୍ୟ ହେଉଛନ୍ତି ପରମେଶ୍ୱର । ବୁଝିଲେ? ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲେ, ଓ ସେହି ବାକ୍ୟ ପରମେଶ୍ୱର ଥିଲେ । ଆଉ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ ।

3 ତେବେ, ଏବ୍ରୀ 4 କୁହେ, ଯେ, "ପରମେଶ୍ୱରଙ୍କ ବାକ୍ୟ ଦ୍ୱି-ଧାର ଖଡ୍ଗଠାରୁ ତୀକ୍ଷ୍ଣତର ଅଟେ ।" ବୁଝିଲେ? "ପରମେଶ୍ୱରଙ୍କ ବାକ୍ୟ ତୀକ୍ଷ୍ଣତର, ଏପରିକି ଅସ୍ଥି ଅସ୍ଥିର ପରିଲକ୍ଷକ, ଏବଂ ବିଚ୍ଛେଦକାରକ, ଏବଂ ମନ, ହୃଦୟର ବିଚାରଗୁଡିକର ଏକ ପରିଭେଦକ ।" ବୁଝିଲେ? ତାହାହିଁ ହେଉଛି ଯାହାକି, ସେହି ପରମେଶ୍ୱରଙ୍କ ବାକ୍ୟ ଅଟେ ।

4 ତାହାପରେ ଯଦି ସେଠାରେ ଏକ ବରଦାନ ଥାଏ ଯେଉଁଠାରେକି ଆମେମାନେ କେବଳ ନିଜକୁ ଆରାମ ଦେଇପାରୁ; ଏବଂ ସେହି ବାକ୍ୟ, ନିଜେ, ଅର୍ଥାତ୍ ଖ୍ରୀଷ୍ଟ, ଯିଏକି ବାକ୍ୟ ଅଟନ୍ତି, ଆମ ଭିତରକୁ ଆସନ୍ତି, ଏବଂ ମନର ବିଚାରଗୁଡିକୁ ଜାଣିପାରନ୍ତି, ଯେପରି ଆପଣ ଏହାକୁ ଦେଖିଛନ୍ତି । ବୁଝିଲେ? କେଡ଼େ ଅଦ୍ଭୁତ । ତାହାପରେ, ଏହା ଦେଖିବା ଯେ ଯାହା ସେ କରିଥିଲେ ଏବଂ ଆମକୁ କେଉଁ ଉପାୟରେ ଆଶୀର୍ବାଦ କରିଥିଲେ! ଏବଂ ତାହାପରେ ସେହି...

5 ତାହା, ମୁଁ ଅନୁଭବ କରେ ଯେ, ଏହାକୁ ଚାରି ରାତି ପାଇଁ ସେହି ବାକ୍ୟର ଚାରିପାଖରେ

ନିର୍ମାଣ କରିବା, ଲୋକମାନଙ୍କୁ କେବଳ ଶାନ୍ତିରେ ବସିବାକୁ ଦେବା, ଏବଂ ତାହାପରେ କେବଳ ଆରାମ କରିବା, ଏବଂ ପବିତ୍ରଆତ୍ମା ଲୋକମାନଙ୍କୁ ଡାକନ୍ତି ଏବଂ ଶ୍ରୋତାବୃନ୍ଦଙ୍କ ମଧ୍ୟରେ କିଛି କାର୍ଯ୍ୟଗୁଡିକୁ କରନ୍ତି ।

6 ଏବଂ ତାହାପରେ, ଶେଷ ସନ୍ଧ୍ୟାରେ, ଗତ ରବିବାର ଅପରାହ୍ନରେ, ମୁଁ ଆମେରିକାରେ କଦାଚ ଦେଖିଥିବା ସବୁଠାରୁ ବଡ ଆରୋଗ୍ୟତାର ଧାଡି ମଧ୍ୟରୁ ଗୋଟିଏକୁ ଦେଖିଲି । ବୁଝିଲେ? ସେମାନେ ଥିଲେ...ମୁଁ ବିଲିଙ୍କୁ ଶହେ କାର୍ଡ ସହିତ, ଏବଂ ଜିନ୍‌କୁ ଶହେ ସହିତ, ଏବଂ ଲିଓକୁ ଶହେ ସହିତ ପଠାଇଲି, ଏବଂ ରୟକୁ ଶହେ କାର୍ଡ ସହିତ ପଠାଇଥିଲି, କେବଳ ସମସ୍ତ କାର୍ଡଗୁଡିକୁ ବାଣ୍ଟି ଦେଇଥିଲି, ପ୍ରାୟଃ ପାଞ୍ଚ ଶହ କାର୍ଡ ଦେଇଥିଲି । ଏବଂ ତେବେ ସେମାନେ ବାକ୍ୟକୁ ଦୃଢ ଭାବେ ଧରି ରହିଥିବାର, ଏବଂ ଏହା କଅଣ କରିବ ତାହା ଦେଖିବା ପରେ, ତେବେ ବର୍ତ୍ତମାନ ଠିକ ସେହି ବାକ୍ୟ ସହିତରେ ରହିବା, ସେଗୁଡିକୁ ମଞ୍ଚ ଉପରକୁ ନେଇକରି ଆସିବା । ଏବଂ ମୁଁ ପୁରୁଷ ଓ ସ୍ତ୍ରୀଲୋକମାନଙ୍କୁ ସେମାନଙ୍କର ସାହାରା ବାଡି ଓ ପ୍ରଭୃତି ସବୁକୁ ଫିଙ୍ଗି ଦେଇଥିବାର ଦେଖିଲି, ଏବଂ ସେମାନେ ଏପରିକି ମଞ୍ଚକୁ ପହଞ୍ଚିବା ପୂର୍ବରୁ ହିଁ ସୁସ୍ଥ ହେବାର ଦେଖିଲି, କେବଳ ଦେଖିବା ପାଇଁ । ବୁଝିଲେ? ପରମେଶ୍ୱରଙ୍କ ବାକ୍ୟ ସେଠାରୁ ବାହାରି, ସେଠାକୁ ବାହାରି ଯାଇଥିଲା, ଏବଂ ଆପଣାକୁ ସେହି ପାଞ୍ଚଟି ବାର୍ତ୍ତାରେ, କିମ୍ବା ଚାରିଟି ବାର୍ତ୍ତାରେ, ସେମାନଙ୍କ ହୃଦୟରେ, ସଂଲଗ୍ନ କରି ନେଇଥିଲା, ଏପରିକି ସେମାନେ ଏହାକୁ ନିଜର ସମ୍ପୂର୍ଣ୍ଣ ହୃଦୟ ସହିତରେ ବିଶ୍ୱାସ କରିଥିଲେ । ତାହାପରେ, କେବଳ ଗୋଟିଏ ବିଷୟ ସେମାନଙ୍କୁ କରିବାକୁ ପଡିଥିଲା, ତାହା ହେଉଛି କୌଣସି ଏକ ପ୍ରକାର ଟିକିଏ ଯୋଗାଯୋଗ ରଖିବାକୁ ଅଛି, ଦେଖନ୍ତୁ, ଅନ୍ୟ କିଛି ଗୋଟାଏ, ଏବଂ ଏକ ବାସ୍ତବିକତା ଥିଲା । ଏବଂ ଠିକ ସେମାନେ ସେହି ମଞ୍ଚକୁ ପହଞ୍ଚିବା ମାତ୍ରେ, ସେମାନେ ସେତେବେଳେ ସେଠାରେ ମଞ୍ଚ-ରେ ହିଁ...ସୁସ୍ଥ ହୋଇ ଯାଇଥିଲେ ଏହା ପୂର୍ବେକି ସେମାନେ ଏହି ମଞ୍ଚକୁ ଅତିକ୍ରମ ଆସନ୍ତେ ।

7 ମୁଁ ବିଶ୍ୱାସ କରେ, ଯେ ଏଠାରେ ଭାଇମାନେ, ଆପଣମାନେ ସମସ୍ତେ ଭାଇ ଏଡ, ଭାଇ ଏଡ ହୁପରଙ୍କୁ ଜାଣନ୍ତି । କଅଣ ଆପଣ ଜାଣନ୍ତି ନାହିଁ କି? ଆପଣ ସେଠାରେ ତଳେ, ଆର୍କାନ୍‌ସାସ୍‌ରୁ ଅଟନ୍ତି କି? ସେ ସାକ୍ଷାତ କରିଥିଲେ...ସେ ଆରମ୍ଭିକ ସେବାକାର୍ଯ୍ୟର ପ୍ରାରମ୍ଭିକ ସମୟରେ ମୋ ସହିତରେ ଥିଲେ । ସେ କହିଲେ, "ଏହା ପୁରୁଣା ସମୟ ପରି ଲାଗୁଥିଲା," ସେ କହିଲେ, "ଯେତେବେଳେକି ଅନେକ ବର୍ଷ ପୂର୍ବେ, ତାହା ସେହିପରି ହେଉଥିଲା ।"

8 ଏବଂ ସେଠାରେ ଲୋକମାନେ ରହୁଥିଲେ ଯେଉଁମାନଙ୍କରକି ଟ୍ୟୁମର୍ ଗୁଡିକ ରହିଥିଲା ଯାହାକି—ଯାହାକି ତାହା ସେହିପରି ଭାବରେ ଥିଲା, ଫେରି ଆସି, ଭଲ ହେଉଥିଲେ । ଅନ୍ଧ, ବଧିର, ମୂକ, ସମସ୍ତ ପ୍ରକାର କାର୍ଯ୍ୟ ଯାହାକି ଆମର ପ୍ରଭୁ ସାଧନ କରିଥିଲେ । ଏପରିକି ଲୋକମାନଙ୍କୁ କେବେ ଛୁଇଁବାକୁ ସୁଦ୍ଧା ପଡୁ ନ ଥିଲା । ବାକ୍ୟ ହିଁ ଯାଇ ତାହା ସାଧନ କରୁଥିଲା ।

9 ତାହାପରେ ପ୍ରଭୁ ମୋତେ ଏକ ବାର୍ତ୍ତା ଦେଲେ ଯାହାକି ମୁଁ ମଣ୍ଡଳୀରେ କହିବାକୁ ଚାହେଁ,

କୌଣସି ସମୟରେ, ଯେତେବେଳେ ମୁଁ ଫେରି ଆସିବି, ଏକ ସୁଯୋଗ ପାଇବି। ମୁଁ ବହୁତ ବ୍ୟସ୍ତ ଅଛି। ତେବେ ମୋତେ, ଆସନ୍ତାକାଲି, ଏହି ଝିଅର ଆସିବାର ଅପେକ୍ଷା କରି ପୁନର୍ବାର ଯିବାକୁ ଅଛି। ଏବଂ ଏପରିକି ମୁଁ ମୋର ବାକ୍ସକୁ ସୁଦ୍ଧା ଘରକୁ ନେବାକୁ ଯାଏ ତାହା ପୂର୍ବରୁ, ସେଠାରେ କେହି ଜଣେ ଥିଲେ। ଏବଂ ମୁଁ ସେବେଠାରୁ କ୍ୱଚିତ୍ ହିଁ, ବସି ନାହିଁ। ବୁଝିଲେ? ଏପରିକି ମୁଁ ଭିତରକୁ ଆସିବା ସମୟଠାରୁ ସୁଦ୍ଧା ନିଜ ପରିବାର ସହିତ କଥାବାର୍ତ୍ତା କରି ନାହିଁ। ବୁଝିଲେ? ଏବଂ ଏହା—ଏହା ପ୍ରକୃତରେ ଏକ ମାନସିକ ଚାପ ଅଟେ। ଏବଂ ମୁଁ ମୋ ନିଜ ପାଇଁ ମଧ୍ୟ, ଆପଣ ସମସ୍ତଙ୍କର ପ୍ରାର୍ଥନା ଲଭିବାକୁ ଇଚ୍ଛା କରେ, ଯେପରିକି ପ୍ରଭୁ ମୋତେ ଧରି ରଖିବାରେ ସାହାଯ୍ୟ କରିବେ।

10 ତେବେ...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଆମର ଭାଇଙ୍କୁ ଏଠାରେ ଦେଖୁଛନ୍ତି, ଯିଏକି ପ୍ରକୃତ, ପ୍ରକୃତରେ ଅସୁସ୍ଥ ହୋଇ, ଏହି ଖଟରେ ପଡ଼ି ରହିଛନ୍ତି। ଏବଂ ଆମେ...

11 କେହି ଜଣେ ଆମ ପାଇଁ, ଅଳ୍ପ ସମୟ ମଧ୍ୟରେ, ଆସୁଛନ୍ତି, ଯିଏକି ଲୁଇସଭିଲ୍‌କୁ ଯାଉଛନ୍ତି। ମୁଁ ଚାହେଁ ଯେ ଆପଣ ସେହି ପ୍ରାର୍ଥନାକୁ ମଧ୍ୟ, ମନେ ରଖନ୍ତୁ, ଜଣେ ସୁନ୍ଦର ଯୁବା ମହିଳା, ଯିଏକି, ସେ ପ୍ରାୟଃ ଅଠର ବର୍ଷର ମଧ୍ୟ ନୁହଁନ୍ତି। ସେ ଏକ ଯାଆଁଳା ଅଟନ୍ତି, ଏବଂ ବିଦ୍ୟାଳୟରେ ଜଣେ ଖ୍ରୀଷ୍ଟିଆନ ଝିଅ ଅଟନ୍ତି। ଏବଂ ଅନ୍ୟ ଝିଅମାନେ ତାଙ୍କ ବିଷୟରେ କଥାବାର୍ତ୍ତା କରିଥିଲେ, ଆପଣ ଜାଣନ୍ତି, ସେହି ଦୁଇଜଣ ଝିଅମାନେ, ଏବଂ ସେମାନଙ୍କୁ କହିଥିଲେ ଯେ ସେମାନେ କିପରି ଥିଲେ, ସେମାନେ ଜୀବନର କେଉଁ ଅଂଶ ହରାଉ ଅଛନ୍ତି, ଏବଂ କିପରି ସେମାନେ ବାକି ଝିଅମାନଙ୍କ ପରି ଜୀବନ ଯାପନ କରିବା ଉଚିତ୍। ଏବଂ ଜଣେ ଝିଅ ଏହାକୁ ଭୁଲାଇ ଆଗକୁ ବଢିବାରେ ସକ୍ଷମ ହୋଇଥିଲେ। ଏହି ଅନ୍ୟ ଜଣକଟିର ଏକ ଜଟିଳତା ରହିଥିଲା, ଏବଂ ସେ ଏହା ବିଷୟରେ ପ୍ରକୃତରେ ଖରାପ ଅନୁଭବ କରିଥିଲେ, ଏବଂ କେବଳ ଚାଲିଯିବାକୁ ଲାଗିଲେ, ଏବଂ ଅଧିକ ଦୂରକୁ ଚାଲିଗଲେ, ଏବଂ ଏହା ବିଷୟରେ ଚିନ୍ତିତ ହୋଇ ପଡିଥିଲେ। ଏବଂ ଶେଷରେ ତାଙ୍କର ଏକ ମାନସିକ ବିଭ୍ରାଟ ହୋଇଥିଲା। ଏବଂ ସେମାନେ...ସେ ଏକ ମାନସିକ ଚିକିତ୍ସା ୱାର୍ଡରେ ଅଛନ୍ତି। ତାଙ୍କ ମାଆ ଏବଂ ବାପା ଇଣ୍ଡିୟାନାର, କ୍ରାଣ୍ଡାଲ୍‌ଠାରୁ, ଅଳ୍ପ ଟିକିଏ ଦୂରରୁ, ଆସନ୍ତି, ଯେ ସେମାନେ ଏହି ଅନୁଷ୍ଠାନକୁ ଯିବେ ଯେଉଁଠାକୁକି ସେମାନେ ଆସନ୍ତାକାଲି, ତାଙ୍କୁ ମ୍ୟାଡିସନ୍‌କୁ ପଠାଇବାକୁ ଚେଷ୍ଟା କରିବାକୁ ଯାଉଛନ୍ତି।

12 ତେବେ, ସେହି—ସେହି ଝିଅଟି, ସେହି ଝିଅଠାରେ କୌଣସି ଶାରୀରିକ ବିକୃତି ନାହିଁ। ସେ...ସେଠାରେ କୌଣସି ଶାରୀରିକ ବିକୃତି, କିଛି ନାହିଁ। ସେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଅଟନ୍ତି। ମାତ୍ର ଏହାକୁ ବୁଝାଇବା ଅତି କଷ୍ଟକର ଅଟେ। ଏବଂ ଏହାକୁ ପ୍ରକୃତରେ ବ୍ୟାଖ୍ୟା କରାଯାଇପାରେ ନାହିଁ। ଏହା କଅଣ ଅଟେ, ତାର ଆତ୍ମା ବିଚରଣ କରିଅଛି। ବୁଝିଲେ? ତେବେ, ଆପଣଙ୍କୁ—ଆପଣଙ୍କୁ ତାର ଆତ୍ମାକୁ ଧରି ଏହାକୁ ସେହି ସ୍ଥାନକୁ ଫେରାଇ ଆଣିବାକୁ ଅଛି। ବୁଝିଲେ? ସେଠାରେ...

13 ଯେତେବେଳେକି, ଆମେମାନେ ଏଠାରେ ଅଳ୍ପ କେତେକ ସପ୍ତାହ ପୂର୍ବେ, ତାହା ଉପରେ କହି ସାରିଛୁ, ଯେ ସେହି ମାନବ ବ୍ୟବସ୍ଥା କିପରି କାର୍ଯ୍ୟକାରୀ କରେ । କିପରି ଯେ ସେଠାରେ ସେହି ପାଞ୍ଚଟି ଇନ୍ଦ୍ରିୟମାନ ଅଛି ଯାହା ଦେଇ ଆପଣ ଶରୀର ଭିତରକୁ ପ୍ରବେଶ କରନ୍ତି, ଏବଂ ତାହାପରେ ପାଞ୍ଚଟି ମାର୍ଗ ଯାହାକୁ ଆମେମାନେ ଏହା କହିଥାଉ । ପାଞ୍ଚଟି ମାର୍ଗ, ଯେପରିକି—କି ବିବେକ, କଳ୍ପନା, ଏବଂ ଇତ୍ୟାଦି ସବୁ, ଯାହା ଦେଇ ଆମେ ପ୍ରାଣ ଭିତରକୁ ପ୍ରବେଶ କରିଥାଉ । ଏବଂ ତାହାପରେ ଯେତେବେଳେ ଆପଣ ଆତ୍ମାରେ ପ୍ରବେଶ କରନ୍ତି, ସେଠାରେ କେବଳ ଗୋଟିଏ ମାର୍ଗ ଅଛି, ଏବଂ ତାହା ସ୍ୱୟଂ-ଇଚ୍ଛା ଦେଇ ଅଟେ, ଯାହାକି ଏହାକୁ ସେହି ଆଧାରରେ ଉପସ୍ଥାପିତ କରେ ଯେଉଁ ଆଧାରରେ ମନୁଷ୍ୟ ସୃଷ୍ଟି ହୋଇଥିଲା ।

14 ଆପଣ ଏହାକୁ ଗ୍ରହଣ କରିପାରନ୍ତି, କିମ୍ବା ଆପଣ ଏହାକୁ ଛାଡିପାରନ୍ତି । ଆପଣ ଖ୍ରୀଷ୍ଟଙ୍କୁ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିପାରନ୍ତି, କିଅବା ତାହାଙ୍କୁ ସେହିପରି ଭାବରେ ଛାଡି ଦେଇପାରନ୍ତି । ଏବଂ ଆପଣ ଏବେ ସୁଦ୍ଧା ସେହି ଗଛ ଦ୍ୱାରା ରହିଛନ୍ତି, ସେହି ଗୋଟିଏ ଜୀବନର ଏବଂ ଅନ୍ୟଟି ମୃତ୍ୟୁର । ପ୍ରତ୍ୟେକ ମନୁଷ୍ୟ ସେହି ବୃକ୍ଷ ସମ୍ମୁଖରେ ରଖା ଯାଇଥାଏ, ନତୁବା ପରମେଶ୍ୱର ସେଠାରେ ଜଣକାକୁ ରଖିବାରେ, ଏବଂ ତାହାପରେ ଅନ୍ୟକୁ ଠିକ୍ କିମ୍ବା ଭୁଲ ବାଛିବା ପାଇଁ—ପାଇଁ ସେହି ସମାନ ସୁଯୋଗ ନ ଦେବାରେ ଅନ୍ୟାୟୀ ହେବେ । ଏବଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ସେହି ସୁଯୋଗ ରହିଅଛି ।

15 ଆହୁରି ମଧ୍ୟ, ସେଥିରେ, ସେହି ଆତ୍ମା, ଆମେମାନେ ସୁସ୍ଥ ହୋଇପାରୁ, କିମ୍ବା ଆମେମାନେ ସୁସ୍ଥ ନ ହୋଇପାରୁ । ବର୍ତ୍ତମାନ, ଏହା ଏଇଥି ପାଇଁ ନୁହେଁ ଯେ ସେଠାରେ ନାହିଁ...ଯେ ଆମେମାନେ ପରମେଶ୍ୱରଙ୍କ ଅନୁଯାୟୀ ସୁସ୍ଥ କରାଯାଇ ନାହୁଁ । ଆମେମାନେ କରାଯାଇଅଛୁ । କାରଣ ସେହି ନିୟମଟି ବିନା କୌଣସି ସର୍ତ୍ତର ଅଟେ । ଏବଂ ସେ ଆମର ଆରୋଗ୍ୟତାକୁ ଆଗରୁ କ୍ରୟ କରିସାରିଛନ୍ତି । ତେଣୁକରି, ଆମର ଆରୋଗ୍ୟତା ଆମ ପାଇଁ—ପାଇଁ ହିଁ ଅଟେ । ଏହା ଆମର ଅଟେ । ତେବେ, ଏହା ଯେ ଆମେମାନେ ବିଶ୍ୱାସ କରିବା ହେତୁ, ଏହି ମାର୍ଗକୁ ଗ୍ରହଣ କରିବା; କିଅବା ବିଶ୍ୱାସ ନ କରିବା ହେତୁ, ଠିକ ଏହି ମାର୍ଗକୁ ଗ୍ରହଣ କରିବା । ତେବେ, ସେଠାରେ କେବଳ ସେହି ଗୋଟିଏ ଉପାୟ ଅଛି ଯାହା ଦେଇ ଆମେମାନେ ପରମେଶ୍ୱରଙ୍କ ଉପସ୍ଥିତିକୁ ଚାଲିକରି ଯାଇପାରୁ ।

16 ତେବେ, ଏହି ଶିଶୁଟି, ସୁନ୍ଦର, ତାଙ୍କ ମାଆ ଏକ ଝିଅ ବନ୍ଧୁ ଅଟନ୍ତି । ମୁଁ, ମୋର...ଓଃ, ମୋର ଝିଅ ସାଙ୍ଗମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ସେ ଜଣେ ସୁନ୍ଦର ସାନ ମହିଳା ଥିଲେ, ଏକ ପ୍ରକୃତରେ କଠୋର ନାଜରିନ ପରିବାରରୁ ଆସିଥିଲେ, ସୁମଧୁର ସାନ ଝିଅଟିଏ । ଏବଂ ତାଙ୍କ ଏକ ସୁନ୍ଦର ସ୍ୱାମୀ ଅଛନ୍ତି । ମୁଁ ତାଙ୍କୁ ମଧ୍ୟ, ପ୍ରକୃତରେ ଭଲ ଭାବରେ, ଜାଣେ, ସେହି ପିଲା ଯିଏକି ତାଙ୍କୁ ବିବାହ କରିଥିଲା । ଏବଂ ସେ ଜଣେ ଅଳ୍ପ ଟିକିଏ... ସେମାନେ ସେହି ପିଲାମାନଙ୍କୁ ପ୍ରଭୁଙ୍କ ସେବା କରିବା ପାଇଁ ଲାଳନ ପାଳନ କରିଥିଲେ, ଏବଂ ସେମାନଙ୍କୁ ବିଦ୍ୟାଳୟରେ ଦେଇଥିଲେ । ଏବଂ ସେମାନେ ପ୍ରକୃତରେ ଖ୍ରୀଷ୍ଟଙ୍କଠାରେ ସ୍ଥାପିତ

ହୋଇଥିଲେ, ଏପରି କୌଣସି ବିଷୟଗୁଡିକୁ ନ କରିବାକୁ ଶିକ୍ଷା ପାଇଥିଲେ ଯାହାକି ଭୁଲ୍ ଥିଲା । ମାତ୍ର ଏହା ସେଠାରେ ଗଲା ।

17 ଠିକ ଏକ ଭଙ୍ଗୁର ଅବସ୍ଥାରେ, ଠିକ ଯେପରିକି ମୁଁ...ଅଳ୍ପ କିଛି ମୁହୂର୍ତ୍ତ ପୂର୍ବରୁ ଦେଖିଥିଲି, ଏବଂ ଏକ ଛୋଟ ପିଲାଟିକୁ ଅନାଇଥିଲି, ତାହାର ମଧ୍ୟ ଠିକ୍ ସେହି ସମାନ ବିଷୟ ରହିଥିଲା । ଏବଂ ସେଠାରେ...ଆମେମାନେ ଦିନେ ରାତିରେ, ସେଠାରେ ଭାଇ ରାଇଟଙ୍କ ଘରକୁ ଯାଇଥିଲୁ, ଏବଂ ଅର୍ଭିଲ୍ ମାତ୍ର—ମାତ୍ର ଏକ ସମ୍ପୂର୍ଣ୍ଣ ଭଙ୍ଗୁର ଅବସ୍ଥାରେ ଥିଲା । ଏବଂ ସେ, ଆପଣ ଜାଣନ୍ତି, ଯେତେବେଳେ ସେ ମୋତେ ଘରୁ ବାହାର କରିଦେବାକୁ ଚେଷ୍ଟା କରିଥିଲା; ଏବଂ ଓର୍ଭିଲ୍ ଓ ମୁଁ ଯେତିକି ଭଲ ବନ୍ଧୁ ଅଟୁ, ଠିକ ଯେପରିକି ପ୍ରକୃତରେ ମୁଁ ତାର ପିତା ହେବି । ମୁଁ ତାଙ୍କର ପିତା ଏବଂ ମାତାଙ୍କୁ ଏକାଠି, ବିବାହ ଦେଇଥିଲି । ଏବଂ ସେ କେବଳ ଡେଇଁ ପଡ଼ି ଚିତ୍କାର କରିଥିଲା, "ଏଠାରୁ ବାହାରି ଯାଅ! ଏଠାରୁ ବାହାରି ଯାଅ! ଏଠାରୁ ବାହାରି ଯାଅ!" ବୁଝିଲେ?

18 ତେବେ, ଆମକୁ ଯାହା କରିବାକୁ ଥିଲା ତାହା ହେଲା ସେହି ଆତ୍ମାର ରେଖାରେ ଯାଇ ସେହି ବାଳକର ଆତ୍ମାଟିକୁ ଧରିବା । ବୁଝିଲେ? ତାର ସେହି ଛୋଟ ହୃଦୟରେ ବହୁତ ଦୁଃଖ ଆସିଥିଲା । ସେ ଯୁବା ଅଟେ, ଏବଂ ସେ ବହୁତ କିଛି ଦେଖି ସାରିଥିଲା । ଏବଂ ତାକୁ ଠିକ୍ ସେହି ସ୍ଥାନକୁ ଫେରାଇ ଆଣିଥିଲି ଯେଉଁଠାରେ ସେ ରହିବା ଉଚିତ୍ । ଆପଣ ଦେଖନ୍ତି କି? କିଛି ଦିନ ଭିତରେ, ସେ ଥିଲା—ସେ ସମ୍ପୂର୍ଣ୍ଣ ଠିକ୍ ଥିଲା ।

19 ତେବେ, ତାହା ଠିକ ସେହି ସମାନ ବିଷୟ ଅଟେ ଯାହାକି ଆପଣଙ୍କୁ ଏହି ବିଷୟରେ କରିବାକୁ ପଡିବ । ମୁଁ ଏହାକୁ ଦେଖିଅଛି, ଏବଂ ମୁଁ ଜାଣେ ଯେ ଏହା ସତ୍ୟ ଅଟେ । ମାତ୍ର ବର୍ତ୍ତମାନ, ଠିକ୍...ମୁଁ—ମୁଁ ଆପଣ ସମସ୍ତଙ୍କୁ ବର୍ତ୍ତମାନ ବିନତି କରୁଛି ଯେ ଆପଣ ପ୍ରାର୍ଥନା କରନ୍ତୁ, ଯେ—ଯେ ପରମେଶ୍ୱର ମୋତେ ଏହି ସାନ ଝିଅଟିକୁ ଖୋଜି ପାଇବାରେ ସାହାଯ୍ୟ କରିବେ । ଏପରି ଏକ ସ୍ଥାନକୁ ବାହାରି ଯାଇଛି, ଯେଉଁଠାରେ ସେ ଜାଣେ ନାହିଁ ଯେ ସେ କେଉଁଠାରେ ଅଛି, ତାହାପରେ ତାକୁ ପୁନର୍ବାର ନିଜ ସ୍ଥାନକୁ ଫେରାଇ ଆଣିବାକୁ ଅଛି । ସେହି ମାର୍ଗଗୁଡିକ ବିଶ୍ୱାସ ଦ୍ୱାରା ଆସିଥାଏ । ଦେଖନ୍ତୁ, ସେ ନିଜ ପାଇଁ ବିଶ୍ୱାସ କରିପାରେ ନାହିଁ । ସେ ଜାଣେ ନାହିଁ ଯେ ସେ କେଉଁଠାରେ ଅଛି, କିମ୍ବା ଅନ୍ୟ କିଛି ଜାଣେ ନାହିଁ । ବୁଝିଲେ? ଏହା—ଏହା ତ ଏଠାରେ ଆମର ବିଶ୍ୱାସକୁ ଆବଶ୍ୟକ କରେ ।

20 ଏବଂ ବର୍ତ୍ତମାନ, ସେଥିରେ, ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ସେହି ଶକ୍ତି, ଯାହାକି ସେ ଆମକୁ ସୁଯୋଗ ଦିଅନ୍ତି । ସେହିଠାରେ ହିଁ ଅଟେ ଯେଉଁଠାରେକି, ଆପଣ, ଗୋଟିଏ ଉପାୟରେ, ପରମେଶ୍ୱରଙ୍କ ବାକ୍ୟ ସେହି ପାପୀକୁ ବିଦ୍ଧ କରେ । ଏବଂ ଏହାକୁ ତ ସେହି ବିଷୟର ଆର ପାର୍ଶ୍ୱକୁ ଯିବାକୁ ପଡିବ ଯେତିକି ଦୂର ସେହି ବାକ୍ୟର ପ୍ରଚାର ଯାଇଥାଏ । ସେହି କାରଣ ହେତୁ ମୁଁ ଆଜି ସକାଳେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ପୂର୍ବରୁ ଅଳ୍ପ ଟିକିଏ କିଛି କହିବାକୁ ଚାହୁଁଥିଲି । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]

21 କଅଣ ଆପଣମାନଙ୍କର ସେହି ଦର୍ଶନ ମନେ ଅଛି କି, ଯାହା କିଛି ଦିନ ପୂର୍ବରୁ, ପ୍ରଭୁ ମୋତେ ଦେଇଥିଲେ, ଆପଣ ଜାଣନ୍ତି, ଅନ୍ୟ ପାର୍ଶ୍ୱକୁ ଦେଖିବା ବିଷୟରେ? କଅଣ ଆପଣମାନଙ୍କର ସେହି ସକାଳ ସମୟ ମନେ ଅଛି କି ଯେତେବେଳେ ମୁଁ ଅନ୍ୟ ପାର୍ଶ୍ୱକୁ ଦେଖିବା ବିଷୟରେ ସାକ୍ଷ୍ୟ ଦେଉଥିଲି? ତେବେ, ତାହା ସତ୍ୟ ଥିଲା।

22 ଏବଂ ପୂର୍ଣ୍ଣ ସୁସମାଚାର ବ୍ୟବସାୟୀ ପୁରୁଷମାନଙ୍କର *ଭଏସ୍* ସେହି ପତ୍ରିକାକୁ ପ୍ରକାଶିତ କରିଅଛି, ଏବଂ ଏଠାରେ ପୃଷ୍ଠାର ପଛରେ ସେହି ଚିତ୍ରକୁ ରଖିଅଛି। ଏବଂ ଠିକ ଏଠାରେ ତଳ ଭାଗରେ ଏହା ଏକ ଛୋଟ ବିଷୟ ରହିଛି, ତଳେ ଏଠାରେ ଏହି ସେବାକାର୍ଯ୍ୟ ବିଷୟରେ କହୁଥିବାର, ଏକ ବିଷୟଟିଏ। ଯାହାକି, ଏହା ବିଭିନ୍ନ ଭାଷାରେ ମୁଦ୍ରିତ ହେଉଥିବା ଏକ ଆନ୍ତର୍ଜାତୀୟ ଖବରକାଗଜ ଅଟେ। ଏବଂ ସେମାନେ ସେହି ଆରମ୍ଭିକ ପୃଷ୍ଠାକୁ, ଏବଂ ସେହି ପ୍ରଥମଟିକୁ, ସେହି ଦର୍ଶନ ନିମନ୍ତେ ସମର୍ପିତ କରିଥିଲେ। ବୁଝିଲେ?

23 ଏବଂ ମୁଁ ସେଗୁଡିକୁ ଏଠାରେ ଉପରେ ରଖିଛି, ଏବଂ ମୁଁ ଇଚ୍ଛା କରେ ଯେ ଆପଣ ଗୋଟିଏକୁ ନେବେ, ଓ ଆପଣ ଏହାକୁ ପାଠ କରିପାରିବେ। ଏବଂ ଉଠି ଆସନ୍ତୁ...ମୁଁ ଜାଣେ ନାହିଁ ଯେ ଆଜି ସକାଳେ, ସେଠାରେ ତଳେ, କେତେଜଣ ଭାଇମାନ ଅଛନ୍ତି। ଏବଂ ଆପଣ, ତେବେ, ଯଦି ଆପଣ ଗୋଟିଏକୁ ପାଇବାରେ ବିଫଳ ହୁଅନ୍ତି, ତେବେ, ଠିକ କାର୍ଯ୍ୟାଳୟକୁ ଯାଆନ୍ତୁ। ସେମାନେ ତାହାକୁ ସେଠାରେ କାର୍ଯ୍ୟାଳୟରେ ରଖିଛନ୍ତି। ଏବଂ ସେମାନେ ଆମକୁ ସେମାନଙ୍କର ଏକ ସମୂହ କରିବାକୁ ଦେଇଛନ୍ତି, ତାହା ବିଷୟରେ: "ମାଡି ଚାଲନ୍ତୁ।" ବୁଝିଲେ? ଏବଂ ତାହାହିଁ ସବୁ ମୋ ହୃଦୟରେ ଅଛି। ଯାହାସବୁ ମୁଁ ଶୁଣିପାରେ ତାହା, ହେଉଛି, "ମାଡି ଚାଲନ୍ତୁ।" ସେହି ନଦୀର କେବଳ ଆର ପାର୍ଶ୍ୱରେ—ପାର୍ଶ୍ୱରେ ସେଠାରେ ଏକ—ଏକ ଉତ୍ତମ ଭୂମି ଅଛି। ଏବଂ ସେହି ଭୂମିକୁ ନ ଆସିବା ପର୍ଯ୍ୟନ୍ତ ଆସନ୍ତୁ ମାଡି ଚାଲିଥିବା।

24 ବର୍ତ୍ତମାନ, ମୁଁ ଭାବୁଛି ଯେ ସେମାନେ ଏଠାରେ ଭାଇ ଷ୍ଟ୍ରିକର ଏବଂ ଭଉଣୀ ଷ୍ଟ୍ରିକରଙ୍କ ଛୋଟ ପିଲାର ଉତ୍ସର୍ଗ ରଖିଛନ୍ତି। ତେଣୁକରି ତାହା...

25 ଭଉଣୀ ଷ୍ଟ୍ରିକର୍, ତେବେ ତାହା ବର୍ତ୍ତମାନ ସର୍ବମୋଟ କେତୋଟି ସନ୍ତାନ ହେଲେ? [ଭଉଣୀ ଷ୍ଟ୍ରିକର କୁହନ୍ତି, "ଛଅ।"—ସମ୍ପା।] ଛଅଟି ସାନ ସାନ ପିଲାମାନେ। ତାହା ଏକ ସୁନ୍ଦର ଛୋଟ ପରିବାର ଅଟେ।

26 ଏବଂ ତେଣୁକରି ସେମାନେ...ସେଠାରେ ଆଫ୍ରିକାରେ—ରେ ଆମର ମିଶନାରୀମାନେ ଥିଲେ, ନିକଟ ସମୟରେ ହିଁ, ଫେରି ଆସିଛନ୍ତି। ଏବଂ ସେମାନଙ୍କର ସମସ୍ତ ପିଲାମାନେ ବହୁତ ସାନ ସାନ ପିଲାମାନେ ଅଟନ୍ତି। ଏବଂ ମୁଁ ଦେଖିପାରୁଛି ଯେ ଏହା, ମଧ୍ୟ, ଯେତେବେଳେ ସେମାନେ ଆଜି ସକାଳେ ଏହାକୁ ଏକ ଉତ୍ସର୍ଗୀକୃତ ସେବା ପାଇଁ ଆଣୁଛନ୍ତି।

27 ଟେଡି କେଉଁଠାରେ ଅଛି? ଟେଡି, କଅଣ ତୁମେ ଏଠାରେ ପିଆନୋରେ ଆସିବ କି, ମାତ୍ର ଗୋଟିଏ ମିନିଟ୍ ପାଇଁ, ପୁଅ? ଏବଂ—ଏବଂ ଆସନ୍ତୁ ଆମେମାନେ ଆମର ଗୀତ, ଏକ ଛୋଟ ଗୀତକୁ ନେବା, ଆପଣ ଜାଣନ୍ତି, ସେହି ଛୋଟ ଗୀତକୁ, ମୁଁ ବିଶ୍ୱାସ କରେ, ଆମେମାନେ

ଗାଇଥାଉ, *ସେମାନଙ୍କୁ ଭିତରକୁ ଆଣ* । କଅଣ ତାହା ଠିକ୍ କି? "ସେମାନଙ୍କୁ ପାପମୟ କ୍ଷେତ୍ରରୁ ଭିତରକୁ ଆଣ ।"

28 ଏବଂ ତାହା ହେଉଛି, ଆମେ ଏହାକୁ ବଜାଇବାର କାରଣ ହେଉଛି, ଯେହେତୁ ଆମେ, ପିତାମାତା ଭାବରେ, ତାହା ସବୁକିଛି ସହିତ ଯାହାକିଛି ଆମେମାନେ କରିପାରୁ, ସେମାନଙ୍କୁ ଉତ୍ସର୍ଗୀକରଣ ପାଇଁ ଆଣିଥାଉ । ଆମେ ସେମାନଙ୍କୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଅଛୁ ଏବଂ ସେମାନଙ୍କୁ ଭିତରକୁ ଆଣୁଅଛୁ ଯେତେବେଳେକି ସେମାନେ ଏବେ ସୁଦ୍ଧା ଶିଶୁ ଅଟନ୍ତି, ଯେ ସେମାନେ ବାଟବଣା ହୋଇ ସେହି ପାପମୟ କ୍ଷେତ୍ରକୁ ଚାଲିଯିବେ ନାହିଁ । *ସେମାନଙ୍କୁ ଭିତରକୁ ଆଣ* । ଆସନ୍ତୁ କେବଳ…ଟେଡି, କଅଣ ତୁମେ ଏହା ଜାଣିଛ କି? ଆସନ୍ତୁ ତେବେ କେବଳ ଏହାର ଗୋଟିଏ ପଦକୁ ଗାଇବା ।

> ସେମାନଙ୍କୁ ଭିତରକୁ ଆଣ, ସେମାନଙ୍କୁ ଭିତରକୁ ଆଣ,
> ସେମାନଙ୍କୁ ପାପମୟ କ୍ଷେତ୍ରରୁ ଭିତରକୁ ଆଣ;
> ସେମାନଙ୍କୁ ଆଣ…

ଯଦି ସେଠାରେ ଆଉ ଗୋଟିଏ ଅଛି, କାହିଁକି, ଏହାକୁ ଠିକ୍ ଭିତରକୁ ଆଣନ୍ତୁ ।

> ଛୋଟ ପିଲାମାନଙ୍କୁ ଯୀଶୁଙ୍କ ନିକଟକୁ ଆଣ ।
>
> ସେମାନଙ୍କୁ ଭିତରକୁ ଆଣ, ସେମାନଙ୍କୁ ଭିତରକୁ ଆଣ,
> ସେମାନଙ୍କୁ ପାପମୟ କ୍ଷେତ୍ରରୁ ଭିତରକୁ ଆଣ;
> ସେମାନଙ୍କୁ ଭିତରକୁ ଆଣ, ସେମାନଙ୍କୁ ଭିତରକୁ ଆଣ,
> ଭ୍ରମଣକାରୀମାନଙ୍କୁ ଯୀଶୁଙ୍କ ନିକଟକୁ ଆଣ ।

29 ଭାଇ ଷ୍ଟ୍ରିକର୍ ଏବଂ ଭଉଣୀ ଷ୍ଟ୍ରିକର୍, ମୁଁ ଅନୁଭବ କରୁଛି ଯେ ଆପଣମାନେ ତାହା ଜାଣିଛନ୍ତି ଯାହା ସେହି ଗୀତର ଅର୍ଥ ଅଟେ, ଯେ "ସେମାନଙ୍କୁ ଭିତରକୁ ଆଣ," ଆପଣଙ୍କ ହୃଦୟରେ ରହିଥିବା ସେହି ଜ୍ୱଳନ୍ତ ଇଚ୍ଛା, ଯାହାକି ହଜିଯାଇଥିବା ଲୋକଙ୍କୁ ଯୀଶୁଙ୍କ ନିକଟକୁ ଆଣିବାକୁ ଚେଷ୍ଟା କରିବା । ଆପଣଙ୍କର ସାନ ଶିଶୁ, ଯଦି ଏହା ଉତ୍ସର୍ଗୀକୃତ ହେବା ପୂର୍ବରୁ ମରିଯାଇଥାନ୍ତା, କିଅବା ଯାହାକିଛି, ଏହା ଯେକୌଣସି ପ୍ରକାରେ, ଉଦ୍ଧାରପ୍ରାପ୍ତ ଅଟେ, କାରଣ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ତାହା କାଲବରୀରେ ସାଧନ କରିଥିଲା । ମାତ୍ର ତାହାଙ୍କର ମହାନ ପାର୍ଥିବ ଯାତ୍ରାର ସ୍ମୃତିରେ, ଯେତେବେଳେ ସେ ସାନ ପିଲାମାନଙ୍କ ଉପରେ ହାତ ରଖିଥିଲେ ଏବଂ କହିଥିଲେ, "ସେମାନଙ୍କୁ ମୋ ପାଖକୁ ଆସିବାକୁ ଦିଅ," ସେଇଥିପାଇଁ ଆପଣମାନେ ଆଜି ସକାଳେ ସେହି ଶିଶୁଟିକୁ ଆଣିଛନ୍ତି । ଏବଂ ଆମ ଉପରେ ଆତ୍ମବିଶ୍ୱାସ ରଖିଛନ୍ତି, ଯେ ଆମେମାନେ ସେହି ସାନ ଶିଶୁଟି ପାଇଁ, ତାର ଜୀବନକୁ ପରମେଶ୍ୱରଙ୍କ ନିକଟରେ ଉତ୍ସର୍ଗ କରି, ବିଶ୍ୱାସର ଏକ ପ୍ରାର୍ଥନା କରିବାକୁ ସମର୍ଥ ହେବୁ ।

30 ଏହାର ନାମ କଅଣ? [ବାପା କୁହନ୍ତି, "ମାରିଲିନ୍ ମେଜ୍ ଷ୍ଟ୍ରିକର୍ ।"—ସମ୍ପା ।] ମାରିଲିନ୍ ମେଜ୍, ମାରିଲିନ୍ ମ୍ୟାଜ୍ ଷ୍ଟ୍ରିକର୍ । ଏହାର କେତେ ବୟସ ହେଲା? [ମାଆ କୁହନ୍ତି, "ତେର

ମାସ।”] ତେର ମାସ। ଆଫ୍ରିକାରେ ଜନ୍ମ, କଅଣ ଏହା ଠିକ୍ କି? [“ହଁ।”] ତେବେ, ଏହା ହେଉ ଯେ ଯଦି ଏକ ଆସନ୍ତାକାଲି ଥାଏ, ଏହି ସାନ ଶିଶୁଟି ସେଠାରେ ଏକ ମିଶନାରୀ ହେଉ, ସେହି ମିଶନ୍ କ୍ଷେତ୍ରରେ ଯେଉଁଠାରେ ସେ ଜନ୍ମ ହୋଇଅଛି। ଏବଂ ଏକ—ଏକ ସୁନ୍ଦର ସାନ ଶିଶୁଟିଏ। ଭାଇ ନେଭିଲ୍, କଅଣ ଆପଣ ଆସିବେ କି?

31 ଏବଂ, ମାରିଲିନ୍। ଓଃ, ମୋର ପ୍ରଭୁ! ମୁଁ ସର୍ବଦା ଏହି ସାନ ଶିଶୁମାନଙ୍କୁ ପସନ୍ଦ କରିଥାଏ। କଅଣ ଏହା ସୁନ୍ଦର ସାନ ଶିଶୁ ନୁହେଁ କି? ତୁମେ କେମିତି ଅଛ? ତୁମେ କେମିତି ଅଛ? ଆସନ୍ତୁ ଆମେମାନେ ଆମର ମସ୍ତକଗୁଡିକୁ ନତ କରିବା। ମୁଁ ଚାହେଁ ଯେ ଆପଣ, ଆପଣ ତାହା ଉପରେ ନିଜର ହାତ ରଖନ୍ତୁ।

32 ଆମର ସ୍ୱର୍ଗସ୍ଥ ପିତା, ଆମେ ତୁମ ନିକଟକୁ ଛୋଟ ମାରିଲିନ୍ ମେକ୍ ଷ୍ଟ୍ରିକର୍ କୁ ଆଣୁଅଛୁ, ଏହି ସୁନ୍ଦର ସାନ ଶିଶୁଟିକୁ ଯିଏକି ମିଶନ କ୍ଷେତ୍ରରେ ଜନ୍ମ ହୋଇଥିଲା, ଯେତେବେଳେକି ସଂଘର୍ଷ କଠିନ ଚାଲିଥିଲା। ମୁଁ ପ୍ରାର୍ଥନା କରେ ଯେ ତୁମେ ଏହି ଶିଶୁଟିକୁ ଆଶୀର୍ବାଦ କରିବ। ବାଇବଲରେ, ସେମାନେ ତୁମ ପାଖକୁ ଏପରି ସାନ ଶିଶୁମାନଙ୍କୁ ଆଣିଥିଲେ। ତୁମେ ସେମାନଙ୍କ ଉପରେ ନିଜର ହାତ ରଖି ଆଶୀର୍ବାଦ କରି, ଏହା କହିଥିଲ, “ସାନ ପିଲାମାନଙ୍କୁ ମୋ ପାଖକୁ ଆସିବାକୁ ଦିଅ, ଏବଂ ସେମାନଙ୍କୁ ମନା କର ନାହିଁ; କାରଣ ସ୍ୱର୍ଗରାଜ୍ୟ ଏହିପରି ମାନଙ୍କର ଅଟେ।”

33 ମାଆ ଏବଂ ବାପା ଏହାକୁ ଆଜି, ଆମ କୋଳରେ ରଖିଛନ୍ତି। ଆମେ, ବିଶ୍ୱାସ ଦ୍ୱାରା, ପାହାଚ ଉପରକୁ, ଚଢି, ଏହାକୁ ବିଶ୍ୱାସ ଦ୍ୱାରା, ତୁମ ବାହୁରେ ରଖୁଅଛୁ। ତାହାର ଜୀବନକୁ ଆଶୀର୍ବାଦ କର। ହେ ପ୍ରଭୁ, ତାକୁ ଏକ ଦୀର୍ଘ ଜୀବନ ଦିଅ। ସେ ପରମେଶ୍ୱରଙ୍କ ଏକ ସନ୍ତାନ ହେଉ। ସେ ନିଜର ଜୀବନସାରା ତୁମକୁ ସେବା କରୁ, ତାର ଜୀବର ପ୍ରତ୍ୟେକ ତନ୍ତୁ, ଖ୍ରୀଷ୍ଟଙ୍କର ଏକ ସେବକ ହେଉ। ପିତା, ଏହା ପ୍ରଦାନ କର। ତାର ପିତା ଏବଂ ମାତା, ତାର ସାନ ଭାଇ ଓ ଭଉଣୀମାନଙ୍କୁ ଆଶୀର୍ବାଦ କର। ସେମାନେ ମଧ୍ୟ, ବୃଦ୍ଧିସାଧନ କରନ୍ତୁ, ଏବଂ ପରମେଶ୍ୱରଙ୍କ ସେବା ପାଇଁ ଏକ ଗୌରବମୟ ପରିବାର ହୁଅନ୍ତୁ।

34 ପିତା, ଆମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଛୋଟ ମାରିଲିନ୍ ମେକ୍ କୁ, ତୁମ ନିକଟରେ ଏକ ସେବାର ଜୀବନ ପାଇଁ ପ୍ରଦାନ କରୁଅଛୁ। ତାକୁ, ତାହାର ପିତା, ଏବଂ ତାହାର ମାତା, ଏବଂ ତାହାର ପ୍ରିୟଜନମାନଙ୍କୁ ଆଶୀର୍ବାଦ କର। ଏବଂ ସେମାନେ ତୁମ ସେବାରେ ଦୀର୍ଘ, ସୁଖମୟ ଜୀବନଯାପନ କରନ୍ତୁ। ଯୀଶୁଙ୍କ ନାମରେ। ଆମେନ୍।

35 ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଭାଇ ଷ୍ଟ୍ରିକର। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏକ ସୁନ୍ଦର ସାନ ମହିଳା ଉପରେ ଆଶୀର୍ବାଦ ହେଉ।

ଧନ୍ୟବାଦ, ଟେଡି, ପୁଅ।

36 ମୁଁ ସାନ ଶିଶୁମାନଙ୍କୁ ଭଲ ପାଏ। କଅଣ ଆପଣ ପାଆନ୍ତି ନାହିଁ କି?

37 କେତେ ଜଣ ସେହି ଦର୍ଶନ ବିଷୟରେ କେବେବି ଶୁଣି ନାହାଁନ୍ତି ଯାହା ପ୍ରଭୁ ମୋତେ ଦେଇଥିଲେ? ଆସନ୍ତୁ ଆପଣମାନଙ୍କର ହାତଗୁଡିକୁ ଦେଖିବା, ଯେଉଁମାନେକି କେବେବି ଶୁଣି ନାହାଁନ୍ତି। ଭାଇ ନେଭିଲ୍, ଆପଣଙ୍କ ପାଖରେ, ହୁଏତ, ଆପଣଙ୍କର ଛୋଟ ପୁସ୍ତକଟି ଥିବ, ବୋଧହୁଏ ଆପଣ କେବଳ ଏହାକୁ ସେମାନଙ୍କ ପାଇଁ ଠିକ ଏଠାରେ, କେବଳ ପରବର୍ତ୍ତୀ ଅଳ୍ପ କିଛି ମୁହୂର୍ତ୍ତକ ପାଇଁ ପାଠ କରି ଦିଅନ୍ତୁ। ମୁଁ ଏହାକୁ ବିଶ୍ୱାସ କରେ...ଠିକ୍ ଏଠାରେ କେବଳ, ଯଦି ଆପଣ ଚାହିଁବେ।

38 [ଭାଇ ନେଭିଲ୍ ଫେବୃଆରୀ, 1961 *ପୂର୍ଣ୍ଣ ସୁସମାଚାର ପୁରୁଷମାନର ସ୍ୱର* ରୁ ପାଠ କରନ୍ତି—ସମ୍ପା।]

[ଅନ୍ୟ ଦିନ ସକାଳେ ମୁଁ ମୋର ବିଛଣାରେ ଶୋଇଥିଲି। ମୁଁ ଠିକ ସେତେବେଳେ ନିଦରୁ ଉଠିଥିଲି, ଏବଂ ମୁଁ ମୋର ହାତକୁ ମୁଣ୍ଡ ପଛରେ ରଖି ତକିଆ ଉପରେ ମୁଣ୍ଡ ଥୋଇ ଆରାମ କରୁଥିଲି। ତାହାପରେ ମୁଁ ଭାବିବାକୁ ଲାଗିଲି ଯେ ତାହା ଅନ୍ୟ ପାର୍ଶ୍ୱରେ କଅଣ ହେବ? ମୁଁ ହୃଦୟଙ୍ଗମ କଲି ଯେ ଯଦି ମୁଁ ମୋର ଲୋକମାନଙ୍କ ପରି ସେତିକି ବୃଦ୍ଧ ହେବା ଯାଏଁ ଜୀବିତ ରୁହେ ତାହାହେଲେ ମୁଁ ମୋ ଜୀବନର ଅଧାରୁ ଅଧିକ ତ ବଞ୍ଚି ସାରିଛି, ଏବଂ ମୁଁ ଏହି ପ୍ରାଣ ତ୍ୟାଗ କରିବା ପୂର୍ବରୁ ପ୍ରଭୁଙ୍କ ପାଇଁ ବହୁତ କିଛି କରିବାକୁ ଚାହେଁ।]

[ମୁଁ ଏକ ସ୍ୱରକୁ କହୁଥିବାର ଶୁଣିଲି: "ତୁମେ ତ ବର୍ତ୍ତମାନ ଆରମ୍ଭ କରୁଅଛ! ଯୁଦ୍ଧ କରୁଥାଅ! ଆଗକୁ ବଢୁଥାଅ!" ଯେତେବେଳେ ମୁଁ ସେହି ଶବ୍ଦଗୁଡ଼ିକ ବିଷୟରେ ଚିନ୍ତା କରୁଥିଲି, ମୁଁ ଭାବିଲି ଯେ ମୁଁ ଏକ ସ୍ୱରକୁ ଶୁଣିଥିବାର କେବଳ କଳ୍ପନା କରୁଅଛି। ପୁନର୍ବାର ସେହି ସ୍ୱର କହିଲା: "ଯୁଦ୍ଧ କରୁଥାଅ! ଆଗକୁ ବଢୁଥାଅ! ଆଗକୁ ବଢୁଥାଅ!" ତଥାପି ଅବିଶ୍ୱାସୀ ଭାବରେ, ମୁଁ ଭାବିଲି ଯେ ବୋଧହୁଏ ମୁଁ ନିଜେ ସେହି ଶବ୍ଦଗୁଡିକୁ କହିଅଛି। ମୁଁ ମୋର ଓଠକୁ ମୋ ଦାନ୍ତ ମଝିରେ ଜାବୁଡି ମୋ ପାଟି ଉପରେ ନିଜର ହାତକୁ ରଖି ଶୁଣିଲି। ସେହି ସ୍ୱର ପୁଣି କହିଲା: "କେବଳ ଆଗକୁ ବଢୁଥାଅ! ଯଦି ତୁମେ କେବଳ ଏହା ଜାଣିଥାଆନ୍ତ ଯେ ମାର୍ଗର ଶେଷରେ କଅଣ ଅଛି!" ମୁଁ ଏକ ପୁରାତନ, ପରିଚିତ ଗୀତର ସଂଗୀତ ଏବଂ ଶବ୍ଦଗୁଡିକୁ ଶୁଣିବାର ଅନୁଭବ କଲି:]

[ମୁଁ ଗୃହଆକାଂକ୍ଷିତ ଏବଂ ନୀଳ, ଏବଂ ମୁଁ ଯୀଶୁଙ୍କୁ ଦେଖିବାକୁ ଚାହେଁ,]
[ମୁଁ ସେହି ବନ୍ଦରର ଘଣ୍ଟିଗୁଡିକୁ ବାଜୁଥିବାର ଶୁଣିବାକୁ ଚାହେଁ,]
[ଏହା ମୋର ପଥକୁ ଉଜ୍ଜ୍ୱଳ କରିବ ଏବଂ ସମସ୍ତ ଭୟକୁ ଦୂର କରିବ;]
[ପ୍ରଭୁ, ମୋତେ ସମୟର ପରଦାର ଆର ପାର୍ଶ୍ୱକୁ ଦେଖିବାକୁ ଦିଅ।]

[ତାହାପରେ ସେହି ସ୍ୱର ପଚାରିଲା: "କଅଣ ତୁମେ କେବଳ ପରଦାର ଆର

ପାର୍ଶ୍ୱକୁ ଦେଖିବାକୁ ଚାହିଁବ କି?” ମୁଁ ଉତ୍ତର ଦେଲି: “ଏହା ମୋତେ ବହୁତ ଅଧିକ ସାହାଯ୍ୟ କରିବ!”]

[ଯାହା ଘଟିଲା ତାହା ମୁଁ କହିପାରେ ନାହିଁ। ମୁଁ ଦେହ ଭିତରେ ଥିଲି ନା ଦେହରୁ ବାହାରେ ଥିଲି, କିମ୍ୱା ଏହା ଏକ ରୂପାନ୍ତରଣ ଥିଲା, ମୁଁ ଜାଣେ ନାହିଁ, ମାତ୍ର ଏହା ମୋର ଅନ୍ୟ କୌଣସି ଦର୍ଶନ ପରି ନ ଥିଲା ଯାହା ମୁଁ କେବେ ଦେଖିଥିଲି। ମୋତେ ଯେଉଁ ସ୍ଥାନକୁ ନିଆଯାଇଥିଲା ମୁଁ ତାହା ଦେଖି ପାରୁଥିଲି ଏବଂ ମୁଁ ନିଜକୁ ବିଛଣା ଉପରେ ଶୋଇ ରହିଥିବାର ମଧ୍ୟ ଦେଖି ପାରୁଥିଲି। ମୁଁ କହିଲି: “ଏହା ଏକ ବିଚିତ୍ର ବିଷୟ ଅଟେ!”]

[ସେଠାରେ ବହୁତ ସଂଖ୍ୟାରେ ଲୋକମାନେ ଥିଲେ ଏବଂ ସେମାନେ ମୋତେ ଅଭିବାଦନ କରିବାକୁ ଦୌଡ଼ି ଆସିଲେ, କ୍ରନ୍ଦନ କରୁଥିଲେ: “ଓଃ, ଆମର ମୂଲ୍ୟବାନ ଭାଇ!” ପ୍ରଥମେ ଯୁବା ସ୍ତ୍ରୀଲୋକମାନେ ଆସିଲେ, ପ୍ରାୟଃ ସେମାନଙ୍କର ବୟସ ପ୍ରାରମ୍ଭିକ କୋଡ଼ିଏ ବର୍ଷର ହୋଇଥିବ, ଏବଂ ଯେତେବେଳେ ସେମାନେ ମୋତେ ଆଲିଙ୍ଗନ କରିଥିଲେ ସେମାନେ କହୁଥିଲେ: “ଆମର ମୂଲ୍ୟବାନ ଭାଇ!” ଯୁବା ପୁରୁଷମାନେ, ଯୁବା ପୌରୁଷତ୍ୱର ଉଜ୍ଜ୍ୱଳତାରେ, ପୁଣି ଆଖିଗୁଡିକ ଏପରି ଝଲସୁଥାଏ ଯେପରିକି ଅନ୍ଧକାର ରାତିରେ ତାରାଗୁଡିକ ଚମକେ, ଏବଂ ମୋତି ପରି ଧଳା ଦାନ୍ତଗୁଡିକ ସହିତ, ମୋତେ ଆଲିଙ୍ଗନ କରି, କହୁଥିଲେ, “ଆମର ମୂଲ୍ୟବାନ ଭାଇ।”]

[ତାହାପରେ ମୁଁ ଲକ୍ଷ୍ୟ କଲି ଯେ ମୁଁ, ମଧ୍ୟ, ପୁନର୍ବାର ଯୁବା ଲୋକ ହୋଇଯାଇଅଛି। ମୁଁ ନିଜକୁ ସେଠାରେ ଅନାଇଲି ଏବଂ ବୁଲି ପଡ଼ିଲି ଏବଂ ବିଛଣା ଉପରେ ପଡ଼ି ରହିଥିବା ମୋର ପୁରୁଣା ଶରୀରକୁ ଦେଖିଲି ଆଉ ମୋର ହାତ ମୋ ମୁଣ୍ଡ ପଛରେ ରହିଥିଲା। ମୁଁ କହିଲି: “ମୁଁ ଏହା ବୁଝୁ ନାହିଁ!”]

[ଯେତେବେଳେ ମୁଁ ସେହି ସ୍ଥାନକୁ ବୁଝିବା ପାଇଁ ଚେଷ୍ଟା କରିବାକୁ ଲାଗିଲି ଯେଉଁଠାରେକି ମୁଁ ଥିଲି, ମୁଁ ଏହା ଅନୁଭବ କରିବାକୁ ଲାଗିଲି ଯେ ସେଠାରେ କୌଣସି ଗତକାଲି ନ ଥିଲା ଏବଂ କୌଣସି ଆସନ୍ତାକାଲି ନ ଥିଲା। କେହି ବି କ୍ଳାନ୍ତ ହେଉଥିବା ପରି ମନେ ହେଉ ନ ଥିଲେ। ଯେତେବେଳେ ମୁଁ କଦାଚ ଦେଖିଥିବା ସେହି ସୁନ୍ଦର ଯୁବା ସ୍ତ୍ରୀଲୋକମାନଙ୍କର ଏକ ସମୂହ ସେମାନଙ୍କର ବାହୁକୁ ମୋ ଚାରିଆଡ଼େ ଆଲିଙ୍ଗନ କଲେ, ସେତେବେଳେ ମୁଁ ଏହା ଜାଣିବାକୁ ପାଇଲି ଯେ ସେଠାରେ କେବଳ ଗୋଟିଏ ମହାନ ପ୍ରେମ ଥିଲା ଯାହାକି ମୋତେ ଅତିଷ୍ଠ କରିଥିଲା ଏବଂ ମନୁଷ୍ୟର ଆଚରଣରେ ରହିଥିବା ପରି କୌଣସି ଶାରୀରିକ ଆକର୍ଷଣ ନ ଥିଲା। ମୁଁ ଲକ୍ଷ୍ୟ କଲି ଯେ ଏହି ଯୁବା ସ୍ତ୍ରୀଲୋକମାନେ ସମସ୍ତେ ସେମାନଙ୍କର କେଶକୁ ଅଣ୍ଟା ଯାଏଁ ଧାରଣ କରିଥିଲେ ଏବଂ ସେମାନଙ୍କର ସ୍କର୍ଟଗୁଡିକ ପାଦ ପର୍ଯ୍ୟନ୍ତ ବ୍ୟାପ୍ତ ରହିଥିଲା।]

[ଏହା ପରେ, ମୋର ପ୍ରଥମ ପତ୍ନୀ, ହୋପ୍, ମୋତେ ଆଲିଙ୍ଗନ କରି, କହିଲେ: "ମୋର ମୂଲ୍ୟବାନ ଭାଇ!" ତାହାପରେ ଅନ୍ୟ ଜଣେ ଯୁବା ସ୍ତ୍ରୀଲୋକ ମୋତେ ଆଲିଙ୍ଗନ କଲେ ଏବଂ ହୋପ୍ ବୁଲି ପଡ଼ି ସେହି ଯୁବା ସ୍ତ୍ରୀଲୋକଙ୍କୁ ଆଲିଙ୍ଗନ କଲେ। ମୁଁ କହିଲି: "ମୁଁ ଏହା ବୁଝୁ ନାହିଁ। ଏହା ତ ଆମର ମାନବୀୟ ପ୍ରେମଠାରୁ କିଛି ଗୋଟାଏ ସମ୍ପୂର୍ଣ୍ଣ ଭିନ୍ନ ଅଟେ। ମୁଁ ବିଛଣାରେ ରହିଥିବା ସେହି ପୁରୁଣା ଶରୀରକୁ ଆଉ ଫେରିବାକୁ ଚାହେଁ ନାହିଁ।"]

[ତାହାପରେ ଏକ ସ୍ୱର ମୋତେ କହିଲା: "ଏହାହିଁ ତାହା ଯାହା ତୁମେ ପବିତ୍ରଆତ୍ମା ବୋଲି ପ୍ରଚାର କରିଅଛ! ଏହା ସିଦ୍ଧ ପ୍ରେମ ଅଟେ। ତାହା ବିନା କୌଣସି ବି ବିଷୟ ଏଠାରେ ପ୍ରବେଶ କରିପାରେ ନାହିଁ!"]

[ପରବର୍ତ୍ତୀ ସମୟରେ ମୋତେ ଉପରକୁ ଉଠାଇ ନିଆଗଲା ଏବଂ ଏକ ଉଚ୍ଚ ସ୍ଥାନରେ ବସାଇ ଦିଆଗଲା। ମୋ ଚାରିପାଖରେ ବହୁ ସଂଖ୍ୟକ ପୁରୁଷ ଏବଂ ସ୍ତ୍ରୀଲୋକମାନେ ସେମାନଙ୍କର ଯୌବନାବସ୍ଥାର ଚରମରେ ରହିଥିବାର ଥିଲେ। ସେମାନେ ଆନନ୍ଦରେ, କାନ୍ଦୁଥିଲେ: "ଓଃ, ଆମର ମୂଲ୍ୟବାନ ଭାଇ, ଆମେ ଆପଣଙ୍କୁ ଏଠାରେ ଦେଖି ଆମେ ବହୁତ ଖୁସି!" ମୁଁ ଭାବିଲି: "ମୁଁ ସ୍ୱପ୍ନ ଦେଖୁ ନାହିଁ, କାରଣ ମୁଁ ଏହି ଲୋକମାନଙ୍କୁ ଦେଖିପାରେ ଏବଂ ମୋର ଦେହକୁ ସେଠାରେ ବିଛଣା ଉପରେ ପଡ଼ି ରହିଥିବାର ଦେଖିପାରେ।"]

[ସେହି ସ୍ୱର ମୋତେ କହିଲା: "ତୁମେ ଜାଣିଛ ଯେ ଏହା ବାଇବଲରେ ଲେଖା ହୋଇଛି ଯେ ଭବିଷ୍ୟଦ୍‌ବକ୍ତାମାନେ ସେମାନଙ୍କର ଲୋକମାନଙ୍କ ସହିତ ଏକତ୍ର କରାଗଲେ।" ମୁଁ କହିଲି: "ହଁ ମୋର ତାହା ଶାସ୍ତ୍ରରେ ମନେ ଅଛି, ମାତ୍ର ସେଠାରେ ତ ଏତେ ଅଧିକ ଏହି ବ୍ରାନହାମ୍‌ମାନେ ନାହାଁନ୍ତି।" ସେହି ସ୍ୱର ଉତ୍ତର ଦେଲା: "ଏମାନେ ବ୍ରାନହାମ୍ ନୁହଁନ୍ତି। ଏମାନେ ତ ତୁମ ଦ୍ୱାରା ପରିବର୍ତ୍ତିତ ହୋଇଥିବା ଲୋକମାନେ ଅଟନ୍ତି, ସେମାନେ ଯାହାକୁ ତୁମେ ପ୍ରଭୁଙ୍କ ଆଡକୁ କଢାଇ ନେଇଛ। ଏହି ସ୍ତ୍ରୀଲୋକମାନଙ୍କ ମଧ୍ୟରୁ କେତେକ ତ ଯାହାକୁ ତୁମେ ଯୁବା ଏବଂ ସୁନ୍ଦର ବୋଲି ଭାବୁଛ ସେମାନେ ନବେ ବର୍ଷରୁ ଅଧିକ ବୟସର ଥିଲେ ଯେତେବେଳେ ତୁମେ ସେମାନଙ୍କୁ ପ୍ରଭୁଙ୍କ ନିକଟକୁ କଢାଇ ନେଇଥିଲ। ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ସେମାନେ କାନ୍ଦୁଛନ୍ତି, 'ମୋର ମୂଲ୍ୟବାନ ଭାଇ!'" ଏହାପରେ ସେହି ଜନ ସମାଗମ ଏକତ୍ର ଚିତ୍କାର କଲେ। "ଯଦି ଆପଣ ସୁସମାଚାର ସହିତ ବାହାରି ନ ଥାନ୍ତେ, ଆମେ ଏଠାରେ ନ ଥାଆନ୍ତୁ!"]

[ମୁଁ ପଚାରିଲି: "ଓଃ, ଯୀଶୁ କେଉଁଠାରେ ଅଛନ୍ତି? ମୁଁ ତାହାଙ୍କୁ ଦେଖିବାକୁ ଚାହେଁ!" ଲୋକମାନେ ଉତ୍ତର ଦେଲେ: "ସେ ଆଉ ଟିକିଏ ଅଧିକ ଉଚ୍ଚରେ ଅଛନ୍ତି। କୌଣସି ଦିନ ସେ ଆପଣଙ୍କ ପାଖକୁ ଆସିବେ। ଆପଣ ଜଣେ ନେତା ଭାବରେ

ପ୍ରେରିତ ହୋଇଥିଲେ, ଏବଂ ଯେତେବେଳେ ପରମେଶ୍ୱର ଆସିବେ, ସେ ଆପଣଙ୍କୁ ଆପଣଙ୍କର ଶିକ୍ଷା ଅନୁଯାୟୀ ବିଚାର କରିବେ।" ମୁଁ ପଚାରିଲି: "କଅଣ ପାଉଲ ଏବଂ ପିତରଙ୍କୁ ମଧ୍ୟ ଏହି ବିଚାରକୁ ସମ୍ମୁଖୀନ ହେବାକୁ ପଡିବ କି?" ଉତ୍ତର ଥିଲା: "ହଁ!" ମୁଁ କହିଲି, "ତେବେ ମୁଁ ତ ତାହା ପ୍ରଚାର କରିଅଛି ଯାହା ସେମାନେ ପ୍ରଚାର କରିଥିଲେ। ମୁଁ ଏଥିରୁ ଗୋଟିଏ କିମ୍ବା ଅନ୍ୟ ପାର୍ଶ୍ୱକୁ ଯାଇ ନାହିଁ। ଯେଉଁଠାରେ ସେମାନେ ଯୀଶୁଙ୍କ ନାମରେ ବାପ୍ତିଜିତ କରିଥିଲେ, ମୁଁ ମଧ୍ୟ ତାହା କରିଥିଲି; ଯେଉଁଠାରେ ସେମାନେ ପବିତ୍ରଆତ୍ମାଙ୍କର ବାପ୍ତିସ୍ମ ଶିକ୍ଷା ଦେଇଥିଲେ, ମୁଁ ମଧ୍ୟ ତାହା କରିଥିଲି। ସେମାନେ ଯାହା ଶିକ୍ଷା ଦେଇଥିଲେ, ମୁଁ ମଧ୍ୟ, ତାହା ଶିକ୍ଷା ଦେଇଅଛି।"]

["ଆମେ ତାହା ଜାଣୁ," ଲୋକମାନେ ଚିତ୍କାର କଲେ, "ଏବଂ ଆମେମାନେ ଜାଣୁ ଯେ ଆମେ ଆପଣଙ୍କ ସହିତରେ କୌଣସି ସମୟ ପୃଥିବୀକୁ ଫେରିବାକୁ ଯାଉଅଛୁ। ଯୀଶୁ ଆସି ଆପଣଙ୍କୁ ସେହି ବାକ୍ୟ ଅନୁଯାୟୀ ବିଚାର କରିବେ ଯାହା ଆପଣ ଆମକୁ ପ୍ରଚାର କରିଅଛନ୍ତି। ତାହାପରେ ଆପଣ ଆମକୁ ତାହାଙ୍କ ନିକଟରେ ଉପସ୍ଥାପନ କରିବ, ଏବଂ ଆମେମାନେ ସମସ୍ତେ ଏକାଠି ମିଶି ପୃଥିବକୁ ଚିରଦିନ ନିମନ୍ତେ ରହିବା ନିମନ୍ତେ ଫେରିଯିବା।" ମୁଁ ପଚାରିଲି: "କଅଣ ମୋତେ ବର୍ତ୍ତମାନ, ପୃଥିବୀକୁ ଫେରି ଯିବାକୁ ପଡିବ କି?" ସେମାନେ ଉତ୍ତର ଦେଲେ: "ହଁ, ମାତ୍ର ଆଗକୁ ବଢିବା ଜାରି ରଖନ୍ତୁ!"]

[ଯେତେବେଳେ ମୁଁ ସେହି ସୁନ୍ଦର, ଆନନ୍ଦଦାୟକ ସ୍ଥାନରୁ ଯିବାକୁ ଆରମ୍ଭ କଲି, ମୋର ଆଖି ଯେତେ ଦୂର ଦେଖି ପାରିଥିଲା, ଲୋକମାନେ ମୋତେ ଆଲିଙ୍ଗନ କରିବା ପାଇଁ ମୋ ଆଡକୁ ଆସୁଥିଲେ, କାନ୍ଦୁଥିଲେ: "ମୋର ମୂଲ୍ୟବାନ ଭାଇ!"]

[ହଠାତ୍ ମୁଁ ପୁଣି ଥରେ ବିଛଣା ଉପରେ ଫେରି ଆସିଥିଲି। ମୁଁ କହିଲି: "ଓଃ, ପରମେଶ୍ୱର, ମୋତେ ସାହାଯ୍ୟ କର! ମୋତେ କେବେବି ବାକ୍ୟ ସହିତ ଆପୋଷ ବୁଝାମଣା କରିବାକୁ ଦିଅ ନାହିଁ। ମୋତେ ବାକ୍ୟ ଉପରେ ସଳଖ ରହିବାକୁ ଦିଅ। ପ୍ରଭୁ, ଅନ୍ୟ କେହି କଅଣ କରନ୍ତି ମୋର ସେଥିରେ କିଛି ଯାଏ ଆସେ ନାହିଁ, ମୋତେ ସେହି ସୁନ୍ଦର, ଆନନ୍ଦଦାୟକ ସ୍ଥାନ ଆଡ଼କୁ ବଢିବାକୁ ଦିଅ!"]

[ମୁଁ ମୋ ଜୀବନରେ ପୂର୍ବ ଅପେକ୍ଷା ଅଧିକ ବିଶ୍ୱାସ କରେ ଯେ ସେହି ସ୍ଥାନକୁ ପ୍ରବେଶ କରିବା ନିମନ୍ତେ ଏହା ସିଦ୍ଧ ପ୍ରେମକୁ ଆବଶ୍ୟକ କରିବ। ସେଠାରେ କୌଣସି ଈର୍ଷା, କୌଣସି କ୍ଲାନ୍ତି, କୌଣସି ଅସୁସ୍ଥତା, କୌଣସି ବୃଦ୍ଧାବସ୍ଥା, କୌଣସି ମୃତ୍ୟୁ ନ ଥିଲା। କେବଳ ସର୍ବୋଚ୍ଚ ସୌନ୍ଦର୍ଯ୍ୟ ଏବଂ ଆନନ୍ଦ!]

[ଆପଣ ଯାହା ବି କରନ୍ତି, ସବୁକିଛି ବିଷୟକୁ ଅଲଗା ରଖିଦିଅନ୍ତୁ ଯେପର୍ଯ୍ୟନ୍ତକି ଆପଣ ସିଦ୍ଧ ପ୍ରେମ ନ ପାଇଯାଆନ୍ତି! ସେହି ସ୍ଥାନକୁ ଆସନ୍ତୁ ଯେଉଁଠାରେ ଆପଣ ସମସ୍ତଙ୍କୁ, ଏପରିକି ପ୍ରତ୍ୟେକ ଶତ୍ରୁକୁ ମଧ୍ୟ ପ୍ରେମ କରିପାରନ୍ତି। ଯାଏ ଆସେ ନାହିଁ

ଯେ ବିମାନଟି ଦୋହଲୁ ଥାଏ, ବଜ୍ରପାତ ହେଉଥାଏ, କିଅବା ଶତ୍ରୁର ବନ୍ଧୁକ ଆପଣଙ୍କ ଉପରେ ରହିଥାଏ, ଏହି ଜିନିଷଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ନୁହେଁ: ସିଦ୍ଧ ପ୍ରେମକୁ ପାଆନ୍ତୁ!]

[ଯଦି ଆପଣ ପରିତ୍ରାଣ ପାଇ ନାହାଁନ୍ତି, ବର୍ତ୍ତମାନ ହିଁ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରି ନିଅନ୍ତୁ! ଯଦି ଆପଣ ଜଳରେ ବାପ୍ତିଜିତ ହୋଇ ନାହାଁନ୍ତି, ବର୍ତ୍ତମାନ ହିଁ ବାପ୍ତିଜିତ ହୋଇଯାଆନ୍ତୁ! ଯଦି ଆପଣ ପବିତ୍ରଆତ୍ମାଙ୍କର ବାପ୍ତିସ୍ମ ପାଇ ନାହାଁନ୍ତି, ବର୍ତ୍ତମାନ ହିଁ ଏହାକୁ ଗ୍ରହଣ କରି ନିଅନ୍ତୁ! ସେହି ସିଦ୍ଧ ପ୍ରେମ ଆଡ଼କୁ ବଢି ଚାଲନ୍ତୁ ଯାହାକି ଆପଣଙ୍କୁ ସମୟର ପରଦାର ଆର ପାର୍ଶ୍ୱକୁ ସେହି ସୁନ୍ଦର ଏବଂ ଆନନ୍ଦଦାୟକ ସ୍ଥାନକୁ ନେଇଯିବ!]

39 ଭାଇ, ସେଥିପାଇଁ, ଆପଣଙ୍କୁ ଧନ୍ୟବାଦ। ତାହା ହେଉଛି...ମୁଁ ଭାବିଲି, ବୋଧହୁଏ, ଆପଣମାନଙ୍କ ମଧ୍ୟରୁ କେହି ଏହାକୁ ପାଠ କରିବାକୁ ପାଇବେ। ଏବଂ ଯଦି ଆପଣଙ୍କ ପାଖରେ ସେହି ଛୋଟ ପୁସ୍ତିକଟି ନାହିଁ, କାହିଁକି, ଆପଣ ଏହାକୁ ପାଇପାରନ୍ତି।

40 ତାହାପରେ ସେଠାରେ, ପୃଷ୍ଠାର ଠିକ ନିମ୍ନ ଭାଗରେ, ସେ ସେଠାରେ ସେବାକାର୍ଯ୍ୟ ବିଷୟରେ ଏକ ଛୋଟ ବିବରଣୀ ସନ୍ନିବେଶ କରିଛନ୍ତି। ଜାଣେ ନାହିଁ ଯେ ଆପଣ ଏହାକୁ ପାଠ କରିବା ପରେ, ଠିକ ସେଠାରେ ନିମ୍ନ ଭାଗରେ, ଆପଣ ଏହାକୁ ଧ୍ୟାନ ଦେଲେ କି ନାହିଁ। ଠିକ୍ ତଳ ଭାଗରେ, ଗୋଟିଏ ଛୋଟ ବିବରଣୀ ସନ୍ନିବେଶ ରହିଛି। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

41 ତେବେ, ତାହା ଆକାଶ ତଳେ ଥିବା ପ୍ରତ୍ୟେକ ଭାଷାରେ ଅନୁବାଦ ହୋଇ ଯାଇଥାଏ, ଆପଣ ଦେଖନ୍ତୁ, ଯେପରିକି—ଯେପରିକି ସମଗ୍ର ବିଶ୍ୱରେ ପାଠ କରାଯାଏ।

42 ତେବେ, "କଅଣ—କଅଣ..." ତେବେ, ଆପଣ କୁହନ୍ତି, "ଆପଣ ତାହା କଅଣ ପାଇଁ କୁହନ୍ତି, ଭାଇ ବ୍ରାନହାମ୍, ଏହା ପୂର୍ବେକି ଆପଣ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି?"

43 ଏହା ଏହି ହେତୁରୁ ଅଟେ: ଯେପରିକି ଆମେ ଜାଣିପାରୁ ଯେ ଆମର ପ୍ରୟାସଗୁଡିକ ବୃଥାରେ ନୁହେଁ। ବୁଝିଲେ? ଆମେ ପରମେଶ୍ୱରଙ୍କ ନିକଟକୁ ସେହି ପ୍ରେମ ଏବଂ ବିଶ୍ୱାସର ମାଧ୍ୟମ ଦେଇ ଯିବା ଆବଶ୍ୟକ। ବିଶ୍ୱାସ ଆମକୁ ସେହି ମାଧ୍ୟମକୁ ନେଇଯାଏ। ପ୍ରେମ ହିଁ ତାହା ଯାହାକି ଆମକୁ ଭିତରକୁ ନେଇଥାଏ। (ମୋତେ କ୍ଷମା କରନ୍ତୁ।) [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

44 ତେବେ, କଅଣ ଆପଣମାନେ ଭାବୁଛନ୍ତି ଯେ ପରମେଶ୍ୱର କରିବେ...ତେବେ ଆସନ୍ତୁ...ତେବେ, ଆପଣଙ୍କର ବିଶ୍ୱାସ ବର୍ତ୍ତମାନ ଏପରି ଏକ ସ୍ଥାନକୁ ଆସିଥାଏ, କଅଣ ଆପଣ ଭାବୁଛନ୍ତି ଯେ ତାହା...? ତେବେ ଆପଣମାନେ ବର୍ତ୍ତମାନ କଅଣ ଭାବନ୍ତି ଯଦି ଆପଣଙ୍କର ସମସ୍ତ ଚେଷ୍ଟା ଯାହାକି...ଏହି ଆରାଧନାଳୟ ଏବଂ ଏହି ଲୋକମାନଙ୍କର ସମୂହ ଏଠାରେ ପରମେଶ୍ୱରଙ୍କ ରାଜ୍ୟ ପାଇଁ, ପ୍ରସ୍ତୁତ କରିଛନ୍ତି? ଏଠାରେ ଏପରି ଅନେକେ ଅଛନ୍ତି ଯେଉଁମାନେକି ପରମେଶ୍ୱରଙ୍କ ରାଜ୍ୟ ପାଇଁ, ଆପଣଙ୍କର ପିଲାମାନଙ୍କ ଖର୍ଚ୍ଚ ବହନ କରିଛନ୍ତି।

ଏଠାରେ ଏପରି ଅନେକେ ଅଛନ୍ତି ଯେଉଁମାନେକି ପରମେଶ୍ୱରଙ୍କ ରାଜ୍ୟ ପାଇଁ, ବିନା ପୋଷାକରେ ରହି ଆସିଛନ୍ତି । ସେଠାରେ ଅନେକେ ଅଛନ୍ତି ଯେଉଁମାନେକି ଝଡ ତୋଫାନ୍ ଦେଇ ଯାତ୍ରା କରିଛନ୍ତି, ଏବଂ ପାଦରେ କୌଣସି ଜୋତା ନ ଥାଇ ଚାଲିଛନ୍ତି, ଯେପରି ସେମାନେ ପରମେଶ୍ୱରଙ୍କ ରାଜ୍ୟ ପାଇଁ ଏଠାରେ ଥିବା, ଆରାଧନାଳୟକୁ ଆସିପାରନ୍ତି, ତାହା ଠିକ ଅଟେ ।

45 କଅଣ ଆପଣ ଏହା କଳ୍ପନା କରିପାରିବେ ଯେ ଜଣେ କଳାକାର ଏକ ସୁନ୍ଦର ଚିତ୍ର ଆଙ୍କିଥାନ୍ତି, ସୁନ୍ଦର, ଏପରିକି ତାହା ଏତେ ଉତ୍କୃଷ୍ଟ ହୋଇଥାଏ, ଏବଂ ତାହାପରେ ଏହାକୁ ଚିରି ଦିଅନ୍ତି? ସେଠାରେ ସେହି କଳାକାରଙ୍କ ସହିତ କିଛି ଗୋଟାଏ ଭୁଲ ରହିଥିବ । କଅଣ ଆପଣ ଏହା କଳ୍ପନା କରିପାରିବେ କି ଜଣେ ସଂଗୀତଜ୍ଞ ଏପରି ଏକ ଗୀତ ଲେଖନ୍ତି ଯେ ତାହା ଏତେ ଉତ୍କୃଷ୍ଟ ହୋଇଥାଏ, ଏବଂ ତାହାପରେ ଠିକ ତାଙ୍କର—ତାଙ୍କର ସଙ୍ଗୀତକୁ ନଷ୍ଟ କରି ଦିଅନ୍ତି? ସେଠାରେ ସେହି ସଂଗୀତଜ୍ଞ ସହିତ କିଛି ଗୋଟାଏ ଭୁଲ୍ ରହିଥିବ । ବୁଝିଲେ? ପରମେଶ୍ୱରଙ୍କ ସହିତରେ କିଛି ଭୁଲ୍ ନାହିଁ । ପରମେଶ୍ୱର ଏହିପରି ଭାବରେ କୌଣସୀ ଜିନିଷ ତିଆରି କରନ୍ତି ନାହିଁ, ଯେ କେବଳ ଏହାକୁ ଚିରି ଦେଇ ଫିଙ୍ଗି ଦେବେ । ଏହା ତାହାଙ୍କର ରାଜ୍ୟ ପାଇଁ ଅଟେ । ଏହା ତାହାଙ୍କର ଗୌରବ ପାଇଁ ଅଟେ ।

46 ଏହି ଚିତ୍ରରେ ଏବଂ ଏହି ଗୀତରେ ଆମ ପ୍ରତ୍ୟେକଙ୍କର ଏକ ଅଂଶଦାନ ରହିଅଛି । ଆମେ ପରମେଶ୍ୱରଙ୍କ ରାଜ୍ୟର ଅଂଶମାନ ଅଟୁ । ଏବଂ ତାହା ହେଉଛି, ଯେ ଆମେମାନେ ଆମର ଅଂଶଗୁଡିକୁ ଅଭିନୟ କରିପାରୁ, ଯେତେବେଳେ ପର୍ଯ୍ୟନ୍ତ ଆମେ ଏହା ଅନୁଭବ କରୁଥାଉ ଯେ ଆମେମାନେ ସ୍ଥିତି ଅନୁଯାୟୀ କେଉଁଠାରେ, ଅବସ୍ଥାନ କରୁଅଛୁ, ଏବଂ ତାହାପରେ ଠିକ ସେହି ସ୍ଥାନରେ ରହିଥାଉ । ଏବଂ ଗୋଟିଏ ସ୍ଥାନ ଯାହା ଆମେମାନେ ଜାଣୁ, ତାହା ପ୍ରେମରେ ଅଟେ, କାରଣ ତାହା ହିଁ ଅଟେ ଯାହାକି ସେହି ଚିତ୍ରକୁ ନିର୍ମାଣ କରେ ।

47 ବର୍ତ୍ତମାନ, ଯେତେବେଳେ ଆପଣ ଏହିପରି ଦର୍ଶନମନ, ଓ ଜିନିଷଗୁଡ଼ିକ ଦେଖନ୍ତି ଏହା ବୁଝିବା କଷ୍ଟକର ଅଟେ, ଯେ ଅନ୍ୟ ପାର୍ଶ୍ୱରେ ତାହା କଅଣ—କଅଣ ଅଛି । ମୁଁ ଇଚ୍ଛା କରେ ଯେ ମୁଁ ଜାଣିଥାଆନ୍ତି । ସେହି ବ୍ୟକ୍ତିଜଣକ ସେଠାରେ ତଳେ ଏହି ଛୋଟ ବିବରଣୀକୁ ସନ୍ନିବେଶ କଲେ, ଏହା କହିବା ନିମନ୍ତେ ଯେ ସେହି ପୁରାତନ ଭବିଷ୍ୟଦ୍‌ବକ୍ତାମାନେ, ସେମାନେ କିପରି ଏହି ଦର୍ଶନଗୁଡିକୁ ଦେଖିଥିଲେ, ଏବଂ ପ୍ରଭୃତି ସବୁ, ଏବଂ କିପରି ଯେ ତାହା, ଆଜି, ଏପରିକି ତାହାଠାରୁ ମଧ୍ୟ ଅଧିକ ଅଟେ ଯାହାକି...ଆମେ ଏହାକୁ ବୁଝିପାରି ନ ଥାଉ, ମାତ୍ର ପ୍ରଭୁ ଆମକୁ ତାହା ଭିତରକୁ ଅଗ୍ରସର ହେବାକୁ ଏବଂ ତାହା କଅଣ ଅଟେ ତାହା ଦେଖିବାକୁ ଦେଇଛନ୍ତି ।

48 ତେବେ, ବନ୍ଧୁଗଣ, ମୁଁ ଶୋଇ ନ ଥିଲି । ଏବଂ ମୁଁ, କେବଳ ଆପଣ ଓ ମୁଁ, ଏବଂ ଏଠାରେ ଥିବା ଏହି ମଣ୍ଡଳୀ ମଧ୍ୟରେ, ମୁଁ ଏକ ଦର୍ଶନରେ ନ ଥିଲି । ମୁଁ ଜାଣେ ଯେ ଏକ ଦର୍ଶନ କଅଣ ଅଟେ । ଏଠାରେ କେତେକ ଜଣ, ଠିକ ଗତ ସପ୍ତାହରେ ହିଁ, କେତେକ, ତିରିଶ ଗୁଣନ ପରି ସେତିକି ଥିଲେ, ଗୋଟିଏ ରାତିରେ, ଏହା ଘଟିଥିଲା । ଆପଣ କଳ୍ପନା କରିପାରନ୍ତି ଯେ

ଆପଣଙ୍କ ଉପରେ କେତେ ଭାର ରହିଥାଏ । ଅବଶ୍ୟ, ଆପଣଙ୍କୁ ଅଧୀର କରିଥାଏ ।

49 କଅଣ ହୁଏ ଯଦି ଆପଣ ସେହିପରି ଏକ ସଭାକୁ ଯାଆନ୍ତି, ଏବଂ କେବଳ ସେହି ଦାୟିତ୍ୱ, ଯେ ସେହି ସଭାଟି ଠିକ୍ ଚାଲିଲା କି ନାହିଁ, ଆପଣଙ୍କ ଉପରେ ଥିଲା, ଠିକ—ଠିକ ସେହି ଦାୟିତ୍ୱଟି? ଆପଣଙ୍କୁ ତ ପ୍ରତ୍ୟେକ ସେବକଙ୍କୁ, ପ୍ରତ୍ୟେକ ପ୍ରଶ୍ନ, ପ୍ରତ୍ୟେକ ଜିନିଷର ଉତ୍ତର ଦେବାକୁ ପଡିବ । ସେହି ସଭା ଠିକ୍ ଚାଲିଲା କି ନାହିଁ, ଏହା କେବଳ ଏକାକୀ, ଆପଣଙ୍କ ଉପରେ ସେହି ଦାୟିତ୍ୱ ରହିଥାଏ । ଦେଖନ୍ତୁ ଯେ ତାହା ଆପଣଙ୍କ ପ୍ରତି କଅଣ କରିବ ।

50 ଏବଂ ସେଠାରେ ମୋର କିଛି ସହଯୋଗୀମାନେ ଅଛନ୍ତି, କେବଳ ବହିଗୁଡିକୁ ବିକ୍ରୟ କରନ୍ତି, ଓ ଇତ୍ୟାଦିସବୁ, ଏତେ ଅଧୀର ହୋଇଯାଆନ୍ତି, ଯେ ସେମାନଙ୍କୁ ଘରକୁ ଯିବାକୁ ପଡିଥାଏ, ଦେଖନ୍ତୁ, ଶୋଇବାକୁ ପଡିଥାଏ, ସେଦିନ ରାତିରେ ମଣ୍ଡଳୀକୁ ଆସନ୍ତି ନାହିଁ । ମୋର ପ୍ରଭୁ! ଓଃ, ଏହା କେବଳ ଭୟଙ୍କର ଅଟେ । ଯେପରି ମୋର ଝିଅ-ବୋ-ହୂ, ସୁନ୍ଦର ଛୋଟ ଖ୍ରୀଷ୍ଟିଆନ ଝିଅ, ଲୋଇସ୍ । କେବଳ—କେବଳ ସଭାକୁ ଯିବା ଦ୍ୱାରା, ଠିକ୍ ସେହିପରି…ଆଠ ସପ୍ତାହ, କିମ୍ବା ସାତ ସପ୍ତାହ ପାଇଁ, ସେହିପରି ନିରନ୍ତର ଭାବରେ, କେବଳ ଗୋଟିଏ କିମ୍ବା ଦୁଇ ଦିନ ପାଇଁ ଶଯ୍ୟାରେ ଶୋଇବାକୁ ପଡିଲା, ଦେଖନ୍ତୁ, କୌଣସି ଦାୟିତ୍ୱ ନ ଥାଇ । ବୁଝିଲେ? ବିଲି, କେବଳ କିଛି ପ୍ରାର୍ଥନା କାର୍ଡଗୁଡିକୁ ଦେବା ପାଇଁ, ଏବଂ କେବଳ ଖଣ୍ଡ ବିଖଣ୍ଡିତ ହୋଇ ଯାଇଥାଏ ।

51 ମାତ୍ର, ଦେଖନ୍ତୁ, ସମସ୍ତ ଭାର ମୋ ଉପରେ ରହିଥାଏ । ମୋ ପାଇଁ ପ୍ରାର୍ଥନା କରିବା ନିମନ୍ତେ ମୋତେ ଆପଣଙ୍କ ଉପରେ ନିର୍ଭର କରିବାକୁ ପଡିଥାଏ । ବୁଝିଲେ? ଏହା ବ୍ୟତୀତ, ସେମାନେ ଦାବି କରନ୍ତି ଯେ—ଯେ ପ୍ରେରଣା ଅନ୍ତର୍ଗତରେ, କୋଡ଼ିଏ ମିନିଟ୍ ର—ର ପ୍ରଚାର କରିବା, ତାହା ଆପଣଙ୍କ ଶରୀର ପାଇଁ, ଆଠ ଘଣ୍ଟାର କଠିନ ପରିଶ୍ରମ ସହିତ ସମତୁଲ୍ୟ ଅଟେ । ମୁଁ ଗୋଟିଏ ରାତିରେ ଦୁଇରୁ ତିନି ଘଣ୍ଟା ଯାଏଁ ପ୍ରଚାର କରେ; ବେଳେବେଳେ ଦିନକୁ ତିନିଥର କରେ । ବୁଝିଲେ?

52 ଏବଂ ତେବେ ଗୋଟିଏ ଦର୍ଶନ ବିଷୟରେ କଅଣ ଅଟେ? ଗୋଟିଏ ଦର୍ଶନ ଆମ ପ୍ରଭୁ ଯୀଶୁଙ୍କୁ ଦୁର୍ବଳ କରି ଦେଇଥିଲା । ତାହା ଠିକ୍ । ବାଇବଲ କୁହେ ଯେ ଜଣେ ସ୍ତ୍ରୀଲୋକ ତାଙ୍କ ବସ୍ତ୍ରକୁ ଛୁଇଁଲା, ତାହା ତାଙ୍କୁ ଦୁର୍ବଳ କରି ଦେଇଥିଲା । ତେବେ, ଯଦି ଗୋଟିଏ ଦର୍ଶନ ତାହାଙ୍କୁ ଦୁର୍ବଳ କରିବ, ତାହାଙ୍କୁ, ପରମେଶ୍ୱରଙ୍କ ପୁତ୍ରଙ୍କୁ; ତାହାହେଲେ ମୋ ବିଷୟରେ କଅଣ, ଅନୁଗ୍ରହ ଦ୍ୱାରା ଉଦ୍ଧାର ପାଇଥିବା ଜଣେ ପାପୀ, ତେବେ ଗୋଟିଏ ରାତିରେ ସେଗୁଡିକୁ ମଧ୍ୟରୁ ତିରିଶଟି କଅଣ କରିବ? ବୁଝିଲେ? ଏହା ଅଟେ…ଯଦି ଆମେ କେବଳ ଅଟକି ଯାଇ ଚିନ୍ତା କରିବା, ଏହା କୌଣସି ମଣିଷଠାରୁ ବାହାରେ ଅଟେ । ଗୋଟିଏ ମାନବ ଶରୀର ତାହା ସହିପାରେ ନାହିଁ । ମୁଁ ତ କୌଣସି ସ୍ଥାନରେ ପାଗଳ ଅନୁଷ୍ଠାନରେ ରହିଥିବି, ଓ ମୋର ମୁଣ୍ଡକୁ କାନ୍ଥରେ ପ୍ରହାର କରୁଥିବି । ବୁଝିଲେ? ଏହା—ଏହା ତ ଏପରି ଏକ ଦୁର୍ବଳତା ଅଟେ ଯାହାକି ଆପଣ କରିପାରନ୍ତି ନାହିଁ…ଏହା ତ ଆନ୍ତରିକ ଦୁର୍ବଳତା ଅଟେ, ଦେଖନ୍ତୁ, ଯାହାକି ଆପଣଙ୍କୁ

ଠିକ ମାରି ପକାଇଥାଏ ।

53 ତେବେ, ମାତ୍ର ତାହାହେଲେ ଆପଣ କଅଣ ହେତୁ ଆଗକୁ ଅଗ୍ରସର ହେବେ? ମୁଁ ଏହା କହିପାରେ । ମୁଁ ସେଠାରେ, ଭାଇ ଏବଂ ଭଉଣୀ କକ୍ସଙ୍କୁ ଦେଖେ, ରୋଡନୀ ଏବଂ ତାଙ୍କ ପତ୍ନୀ, ଏବଂ ଭଉଣୀଙ୍କୁ, ଏଠାରେ, ସେଠାରେ ପଛରୁ, ନୂତନ ପରିବର୍ତ୍ତନକାରୀମାନେ । ସେଠାରେ ଏକ ଦେଶ ଅଛି, ଠିକ ସେଠାରେ କୌଣସି ସ୍ଥାନରେ, ଯେ ଯଦି ଆପଣ କେବଳ ନିଜ ମନରେ ଏହା ଭାବିପାରନ୍ତି ଓ ଏହାର ଏକ ଦୃଶ୍ୟ ପାଇପାରନ୍ତି, ଏହା ସବୁଠାରୁ ଗୌରବମୟ ବିଷୟ ଅଟେ । ଏହା ଆମେ ଦେଉଥିବା ପ୍ରତ୍ୟେକ ପ୍ରୟାସର ଯଥୋଚିତ ମୂଲ୍ୟ ଅଟେ । ବୁଝିଲେ?

54 ବର୍ତ୍ତମାନ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ପୂର୍ବରୁ, ମୁଁ ଏହା କହିପାରେ:

55 କଅଣ ହୁଏ ଯଦି ଏକ ଛୋଟ ଶିଶୁ, ତାହାର ଜନ୍ମ ପୂର୍ବରୁ, ଆସନ୍ତୁ ତାକୁ ନେବା, ଏକ ଛୋଟ ଶିଶୁ ଯିଏକି ଏହି ନଅ ମାସ ପାଇଁ, ମାଆର ଗର୍ଭରେ ରହିଥାଏ, ଏବଂ ସେହି ଛୋଟ ଶିଶୁଟି ଚିନ୍ତା କରିପାରିବ? ଏହା କହିବ, "ଆପଣ ଜାଣନ୍ତି ଯେ କଅଣ? ସେମାନେ ମୋତେ କୁହନ୍ତି ଯେ ମୁଁ ଜନ୍ମ ହେବାକୁ ଯାଉଅଛି । ତେବେ, ମୁଁ ସେଠାରେ ବାହାରେ କଅଣ କରିବି? ମୁଁ ତ ଏଠାରେ ରହୁଥିବା ଏହି ସ୍ଥାନ ବ୍ୟତୀତ ଆଉ କିଛି ଜାଣେ ନାହିଁ । ମୁଁ ତ ମୋର ଶକ୍ତି ଭିତରୁ ପ୍ରାପ୍ତ କରିଥାଏ । ଏବଂ ମୁଁ ସେଠାରେ ବାହାରେ କିପରି ଏକ ଜୀବିକାର୍ଜନ କରିବି? ସେମାନେ ମୋତେ କୁହନ୍ତି ଯେ ସେଠାରେ ଏକ ସୂର୍ଯ୍ୟ ଅଛି ଯାହାକି ଉଜ୍ଜ୍ୱଳ ହୋଇଥାଏ । ସେମାନେ ମୋତେ କୁହନ୍ତି ଯେ ସେଠାରେ ଥିବା ଲୋକମାନେ ଚାରିଆଡ଼େ ଚଲାବୁଲା କରନ୍ତି । ଏବଂ ମୁଁ ତ ଏଠାରେ କେବଳ ଏହି ସ୍ଥାନ ବ୍ୟତୀତ ଆଉ କିଛି ଜାଣେ ନାହିଁ । ଏହାହିଁ ସବୁ କିଛି ଅଟେ ଯାହାକି ମୁଁ ଜାଣେ, ଠିକ୍ ଏଠାରେ ଏହି—ଏହି ମାଆର ଗର୍ଭରେ । ଏଠାରେ ହିଁ ଅଟେ ଯେଉଁଠାରେକି ମୋତେ ଅଣାଯାଇଥିଲା । ଏଠାରେ ଯାହା ସବୁକିଛି ମୁଁ ଜାଣେ, ତାହା ଠିକ ଏହି ଗର୍ଭରେ ଅଟେ । ଏବଂ ସେମାନେ ମୋତେ କୁହନ୍ତି ଯେ ସେଠାରେ କେବଳ କକ୍ଷ ଗୁଣନ କକ୍ଷ ଅଛି!"

56 ତେବେ, ସେହି ଛୋଟ ଶିଶୁଟି ଜନ୍ମ ହେବା ପାଇଁ, ଭୟଭୀତ ହେବ । କଅଣ ତାହା ଠିକ୍ କି? ଏହା ମୃତ୍ୟୁତୁଲ୍ୟ ଭୟଭୀତ ହେବ, କାରଣ ଏହା ଏପରି ଏକ ସ୍ଥାନକୁ ଆସୁଅଛି ଯାହା ବିଷୟରେ ଏହା କିଛି ହେଲେ ଜାଣେ ନାହିଁ, ଯାହାକି ସର୍ବୋଚ୍ଚ ଅଟେ, ଲକ୍ଷ ଲକ୍ଷ ଗୁଣନ ସର୍ବୋତ୍କୃଷ୍ଟ ଅଟେ, ତାହା ଅପେକ୍ଷା ଯେଉଁଠାରେକି ଏହା ରହିଆସିଛି । ଏହା ଜାଣିବ ନାହିଁ ଯେ ଏହାସବୁ କେଉଁ ବିଷୟରେ ଅଟେ, ଏହା କହିବ, "ମୁଁ କିପରି, କଅଣ କରିବାକୁ ଯାଉଛି?" ଏହା ତ ଜନ୍ମ ହେବା ପାଇଁ, ମୃତ୍ୟୁତୁଲ୍ୟ ଭୟଭୀତ ହେବ, ମାତ୍ର ଆମେମାନେ ଯେଉଁମାନେକି ଏଠାରେ ବାସ କରୁଅଛୁ, ତେବେ, ଆମେ ଯେଉଁମାନେକି ଥରେ ସେଠାରେ ପଶ୍ଚାତ ସମୟରେ ଥିଲୁ, ଆମେମାନେ କୌଣସି ପ୍ରକାରେ ସେଠାକୁ ଫେରିଯିବା ନାହିଁ, ଆମେ ପୁନର୍ବାର ମାତୃ ଗର୍ଭକୁ ଫେରିଯିବାକୁ ଚାହିଁବା ନାହୁଁ । ବୁଝିଲେ? ନା, ଆମେ ତାହା କରିବାକୁ ଚାହିଁବା ନାହୁଁ ।

57 ଏବଂ ବନ୍ଧୁ, ତାହା ଠିକ ସେହିପରି ହିଁ ଅଟେ ଯେତେବେଳେକି ଆମେ ମରୁଥାଉ । ହେ ପରମେଶ୍ୱର! ବୁଝିଲେ? ଆପଣ ଏକ ସ୍ଥାନରେ ଜନ୍ମ ଗ୍ରହଣ କରିଥାନ୍ତି । ଆପଣ କେବେବି

ସେଠାରେ ରହି ନାହାଁନ୍ତି । ଆପଣ ଏହା ବୁଝିପାରନ୍ତି ନାହିଁ, ଯେ ଏହା କେତେ ମହାନ୍ ଅଟେ । "ସେଠାରେ ରହିବା ଏହା କିପରି—କିପରି ହେବାକୁ ଯାଉଅଛି? ମୁଁ..." ଏବଂ ଏକମାତ୍ର ବିଷୟ ଯାହା ମୋତେ ହୃଦୟଙ୍ଗମ କରାଇଥାଏ, କିମ୍ବା ଆପଣଙ୍କୁ ହୃଦୟଙ୍ଗମ କରାଇଥାଏ, ତାହା ହେଉଛି ଜୀବନର ସେହି ଛୋଟ ସ୍ପର୍ଶ, ଯେପରିକି ସେହି ମାତୃ ଗର୍ଭରେ ଥିବା ସେହି ଶିଶୁ ଭିତରକୁ ସେହି ଆତ୍ମା ଆସିଥାଏ । ବୁଝିଲେ? ଏହାହିଁ ହେଉଛି ସେହି ଏକମାତ୍ର ଉପାୟ ଯାହାଦ୍ୱାରା ଆମେ ବୁଝିପାରୁ ଯେ ଆର ପାର୍ଶ୍ୱରେ ଥିବା ସେହି ମହାନ ଦେଶଟି କଅଣ ଅଟେ, ଯେତେବେଳେକି ସେଠାରେ କୌଣସି ଅସୁସ୍ଥତା ନାହିଁ, କୌଣସି ଦୁଃଖ ନାହିଁ, କୌଣସି ମୃତ୍ୟୁ ନାହିଁ, କୌଣସି ବୃଦ୍ଧାବସ୍ଥା ନାହିଁ, କୌଣସି କିଛି ନାହିଁ । ଓଃ, ମୋର ପ୍ରଭୁ!

58 କାହିଁକି, ଯେତେବେଳେ ଆପଣ ଥରେ ସେଠାକୁ ପହଞ୍ଚିଯାଆନ୍ତି, ଆପଣ କେବେବି ଏହିପରି ଏକ ସ୍ଥାନକୁ ଫେରି ଆସିବାକୁ ଚାହିଁବେ ନାହିଁ, ଠିକ ଯେପରିକି କୌଣସି ଶିଶୁ ତାର ମାତୃ ଗର୍ଭକୁ ଅଧିକ ଫେରିଯିବାକୁ ଇଚ୍ଛା କରିବ ନାହିଁ । ବୁଝିଲେ? ଏହା ଅନ୍ୟ ପାର୍ଶ୍ୱରେ ବହୁତ ଅଧିକ ମହାନ ଅଟେ, ଦେଖନ୍ତୁ, ସେଠାରେ । ଆମେ ଏହାକୁ ବୁଝିପାରିବା ନାହିଁ, ନିଶ୍ଚିତ ଭାବରେ ନୁହେଁ, ଆମେ କରିପାରିବା ନାହିଁ । କାହିଁକି, କିପରି ସେହି ଛୋଟ ଶିଶୁଟି କୌଣସି ଚିନ୍ତାଧାରାର ବାହାରେ ଅଟେ, ଠିକ ସେହିପରି ଭାବରେ ଆମେମାନେ ଅମଧ୍ୟ କୌଣସି ଚିନ୍ତାଧାରାର ବାହାରେ ଅଟୁ ଯେ ତାହା ସେଠାରେ ବାହାରେ କଅଣ ହୋଇଥିବ, ଦେଖନ୍ତୁ, କାରଣ ଆମେ ପୃଥିବୀର ଗର୍ଭରେ ଅଛୁ, କିଛି ସମୟ ମଧ୍ୟରେ ଏକ ନୂତନ ରାଜ୍ୟରେ, ଏକ ନୂତନ ଜଗତରେ, ଜନ୍ମ ହେବାକୁ ପ୍ରସ୍ତୁତ ଅଟୁ ।

59 ଏବଂ ତାହା ସେହି ଉପାୟରେ ହିଁ ଅଟେ ଯେ ମୁଁ ସେହି ଦର୍ଶନ ଏବଂ ସେହିପରି ଜିନିଷଗୁଡ଼ିକ ବିଷୟରେ ଅନୁଭବ କରେ, କିମ୍ବା ସେଦିନ ମୋ ସହିତ ଯାହାକିଛି ଘଟିଥିଲା ଯେତେବେଳେ ମୁଁ ଠିକ ବାହାରେ, ସେହି ଆର ପାର୍ଶ୍ୱକୁ ଅତିକ୍ରମ କରିଥିଲି, ଏବଂ ଦେଖିଥିଲି ଯେ ତାହା କଅଣ ଥିଲା, ଏବଂ ତାହାପରେ ଏଠାକୁ ଫେରି ଆସିଥିଲି ।

60 କଅଣ ଆପଣ ଗୋଟିଏ ଶିଶୁ ହେବାର ଏବଂ—ଏବଂ ଏପରି ଏକ—ଏକ ଜ୍ଞାନ ରହିଥିବାର କଳ୍ପନା କରିପାରିବେ କି ଯେ, ଏହା କେତେ ଗୌରବମୟ ଥିଲା ଯେ ଚାରିପାଖରେ ବୁଲାବୁଲି କରିବା, ଗଛଗୁଡିକୁ ପ୍ରସ୍ଫୁଟିତ ହେଉଥିବାର ଦେଖିବା, ପକ୍ଷୀମାନଙ୍କୁ ଏକ ଗୀତ ଗାଉଥିବାର, ସୂର୍ଯ୍ୟକୁ ଆଲୋକିତ ହେଉଥିବାର, ଏବଂ ଏହିପରି ଏକ ଜୀବନକୁ ଦେଖିବା, ଏବଂ ତାହାପରେ ଏକ ଗର୍ଭରେ ସୀମିତ ହୋଇ ରହିବାକୁ ଯିବା? କାହିଁକି, ଆପଣ ତ ଆଦୌ, ଫେରିଯିବାକୁ ଚାହିଁବେ ନାହିଁ ।

61 ତେବେ, ତାହାହେଲେ, ଆମେ, ଆମର—ଆମର ଚିନ୍ତାଧାରା ତ ଉପର ପାର୍ଶ୍ୱରେ, ଚେତାଶୁନ୍ୟ ହୋଇଯିବ, କିମ୍ବା ଏହା ଚିନ୍ତା କରିବାକୁ ଚେଷ୍ଟା କରିବ ଯେ ତାହା ସେଠାରେ ବାହାରେ କଅଣ ଅଟେ । ଯେତେବେଳେକି, ଶାସ୍ତ୍ର କୁହେ, "ଆଖି ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, କିମ୍ବା ମନୁଷ୍ୟର ଚିତ୍ତରେ ତାହା କେବେ ଆସିନାହିଁ ଯାହା ପରମେଶ୍ୱର

ସେମାନଙ୍କ ପାଇଁ, ସଞ୍ଚୟ କରି ରଖିଛନ୍ତି, ଯେଉଁମାନେ ତାହାଙ୍କୁ ପ୍ରେମ କରନ୍ତି ।" ବୁଝିଲେ? ତେଣୁକରି ଆମେମାନେ ଜାଣୁ ଯେ ଏହା ଅନ୍ୟ ପାର୍ଶ୍ୱରେ ଗୌରବମୟ ଅଟେ । କୌଣସି ଦିନ, ମୃତ୍ୟୁ, ଯାହାକୁ ଆମେ ମୃତ୍ୟୁ ବୋଲି କହିଥାଉ, ଆମକୁ ନୂତନ ଜନ୍ମ ଦେବ, ଏବଂ ଆମେ ଅନ୍ୟ ପାର୍ଶ୍ୱରେ, ଅନ୍ୟ ଜଗତ ମଧ୍ୟକୁ ଆସିବା ।

62 ଭାଇ ଜର୍ଜ, ଆପଣ ସେଠାରେ, ସର୍ବତ୍ର ବୃଦ୍ଧ, ଅପଙ୍ଗ ହୋଇ ରହିବେ ନାହିଁ । ଏବଂ ଭାଇ ଓ ଭଉଣୀ ସ୍ପେନ୍ସର, ଏବଂ ଆମମାନଙ୍କ ପରି ଆମ ମଧ୍ୟରୁ କେତେକ ବୟସ୍କ, ଏବଂ ପ୍ରଭୃତି ସବୁ ଅଟନ୍ତି, ଏବଂ ଆମେମାନେ ସେଠାରେ ସବୁଦିନ ପାଇଁ ଯୁବାବସ୍ଥାରେ ରହିବା ।

ଏହି ପୁରୁଣା'...ଏହି ମାଂସମୟ ପୋଷାକଟି ମୁଁ ପରିତ୍ୟାଗ କରିବି,
ଏବଂ ଉଠିବି
ଏବଂ ଅନନ୍ତ ପୁରସ୍କାର ଅଧିକାର କରିବି,
ଏବଂ ମଧ୍ୟ ଆକାଶ ଦେଇ ଗଲାବେଳେ, ଉଚ୍ଚ ପାଟି କରି ଚିତ୍କାର
କରିବି,
"ବିଦାୟ, ବିଦାୟ, ପ୍ରାର୍ଥନାର ମଧୁର ଘଟିକା!"

63 ସେତେବେଳେକୁ, ଏହାସବୁ ସମାପ୍ତ ହୋଇଯାଇଥିବ । ତାହାପରେ ଆଉ ଅଧିକ, ପ୍ରାର୍ଥନାର ଆଉ ଲମ୍ବା ରାତି ନ ଥିବ । ସେଠାରେ ରହିବା ନିମନ୍ତେ ଠିକ ସେହି ଯୁବା, ଆନନ୍ଦଦାୟକ ବୟସରେ ପ୍ରବେଶ କରନ୍ତୁ, କେବଳ ଗୋଟିଏ ବର୍ଷ, କିମ୍ବା ପଚାଶ ବର୍ଷ, କିମ୍ବା ଏକ ଲକ୍ଷ ବର୍ଷ ପାଇଁ ନୁହେଁ, ମାତ୍ର ଆମେ ତ ସେଠାରେ ଏକ ଶହ ବିଲିୟନ ବର୍ଷ ରହି ଆସିଥିବୁ, କିନ୍ତୁ ଆମେ ଏପରିକି ଆଦୌ ଆରମ୍ଭ ସୁଦ୍ଧା କରି ନ ଥିବୁ । ତାହା ହିଁ ଏହା । ତେବେ ଆଜି ସକାଳେ ଆମେମାନେ କାହିଁକି ଖୁସି ନ ହେବା? ଆମେମାନେ କାହିଁକି ଆନନ୍ଦ ଉଲ୍ଲାସ ନ କରିବା? ପରମେଶ୍ୱର ଆମକୁ ଦେଇଥିବା ପ୍ରତ୍ୟେକ ମହାନ ବିଷୟର ଆମେମାନେ କାହିଁକି ଲାଭ ନ ନେବା?

64 ଏଠାରେ ଈଶ୍ୱରୀୟ ଆରୋଗ୍ୟତା ଅଛି । ଯୀଶୁ କାହିଁକି କୋରଡାଘାତ ଘେନିଲେ; ଯେ ସେହି ଚିତ୍ରକୁ ଚିରି ଦିଅନ୍ତି, କୁହନ୍ତି, "ଏଥିରେ ସେପରି କୌଣସି ଜିନିଷ ନାହିଁ"? ସେ ସେଠାରେ ନିଜ ଶରୀରକୁ କ୍ଷତ ବିକ୍ଷତ କଲେ, ତାହା ଦେଇ, ତାହାଙ୍କର ପଞ୍ଜରା ଦେଖାଗଲା, "ତାହାଙ୍କ କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହେଲୁ ।" ଆସନ୍ତୁ ଆମେମାନେ ଆଜି ସକାଳେ, ସେହି ଚିତ୍ରକୁ ନ ଚିରୁ । ଆସନ୍ତୁ ଏହାକୁ ଆଲିଙ୍ଗନ କରୁ, ଏହାକୁ ଗ୍ରହଣ କରୁ ।

65 ତେବେ, ଭାଇ, ଏବଂ ବର୍ତ୍ତମାନ ଆପଣମାନେ ପ୍ରତ୍ୟେକେ ଯେଉଁମାନଙ୍କ ପାଇଁ ପ୍ରାର୍ଥନା କରାଯିବାକୁ ଅଛି, ଯଦି ଆପଣମାନେ କେବଳ ବେଦୀ ଚାରିପାଖରେ ଠିଆ ହୋଇଯିବେ । ଯେତେବେଳେକି କିଛି କ୍ଷଣ ପୂର୍ବରୁ, ସେହି ବାର୍ତ୍ତାକୁ, ବ୍ୟାଖ୍ୟା ଏବଂ ପରଭାଷା ମାଧ୍ୟମରେ ପ୍ରଦାନ କରାଗଲା, ଯେ ଆମେମାନେ ରୋଗୀମାନଙ୍କ ଉପରେ ହାତ ରଖି ପରମେଶ୍ୱରଙ୍କ ମହାନ କାର୍ଯ୍ୟଗୁଡିକୁ ଦେଖିବା ।

66 ତେବେ, ଆମର ଭାଇ, ଆପଣଙ୍କୁ ଠିଆ ହେବାକୁ ପଡିବ ନାହିଁ, ଭାଇ, ଯିଏକି ସେଠାରେ ଏକ ଖଟ ଉପରେ ଶୋଇଛନ୍ତି । ଆମେ ଆପଣଙ୍କ ନିକଟକୁ ଆସିବୁ ।

67 ମାତ୍ର ଯଦି ଏଠାରେ ଅନ୍ୟମାନେ କେହି ଅଛନ୍ତି ଯେଉଁମାନେକି ପ୍ରାର୍ଥନା କରାଯିବାକୁ ଚାହାଁନ୍ତି, ଯଜ୍ଞବେଦୀ ଚାରିପାଖରେ ଠିଆ ହେବାକୁ ଚାହାଁନ୍ତି, ଯେତେବେଳେକି ଭାଇ ଏବଂ ମୁଁ ପ୍ରାର୍ଥନା କରି ରୋଗୀମାନଙ୍କ ଉପରେ ହାତ ରଖୁ, ଆପଣମାନେ ଠିକ ବର୍ତ୍ତମାନ ଆସି ଯାଆନ୍ତୁ । ଏବଂ ମନେରଖନ୍ତୁ, ସେହି ଚିତ୍ରକୁ ଆଲିଙ୍ଗନ କରି ନିଅନ୍ତୁ, "ତାହାଙ୍କ କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହେଲୁ ।"

68 "ପ୍ରଭୁ, ମୁଁ ଏହାକୁ ବୁଝେ ନାହିଁ ।" ନିଶ୍ଚିତରେ, ଆପଣ ବୁଝନ୍ତି ନାହିଁ । ଆପଣ ଏବେ ସୁଦ୍ଧା ପୃଥିବୀର ଗର୍ଭରେ ଅଛନ୍ତି ।

69 ମାତ୍ର ସେ ସେହି ପ୍ରସ୍ତୁତିକରଣ ସବୁକୁ କରିଥିଲେ । ଏବଂ ସେ ନେବେ ନାହିଁ...ସେ କାହିଁକି କୋରଡାଘାତ ଘେନି ନେଲେ? କଅଣ କେବଳ ସେହି ଚିତ୍ରକୁ ଚିରିଦେବା ନିମନ୍ତେ, କିମ୍ୱା ସେହି ଗୀତଟିକୁ ଚିରିଦେବା ନିମନ୍ତେ, ଏହାକୁ ଫିଙ୍ଗିଦେବା ନିମନ୍ତେ? ନା, ମହାଶୟ । ସେ ତ ଏଇଥି ପାଇଁ କୋରଡାଘାତ ସହିଲେ, କ୍ଷତ ବିକ୍ଷତ ହେଲେ, ଏବଂ ରକ୍ତାକ୍ତ ହେଲେ, ଯେପରିକି ଆମେମାନେ ସୁସ୍ଥ କରାଯାଉ । ଏବଂ ତାହା ଦ୍ୱାରା, ଆମେମାନେ, "ତାହାଙ୍କର କୋରଡାଘାତ, ଆମେମାନେ ସୁସ୍ଥ କରାଗଲୁ," ଆମେମାନଙ୍କ ମଧ୍ୟରୁ ପ୍ରତ୍ୟେକଜଣ । ବର୍ତ୍ତମାନ, ଯେତେବେଳେ ଆପଣମାନେ ଆସି, ପ୍ରାର୍ଥନା ନିମନ୍ତେ ସେହି ବେଦୀ ଚାରିପାଖରେ ଏକାଠି ହୁଅନ୍ତି ।

70 ତେବେ, ଏଠାରେ ଥିବା ଅନେକେ ଏହି ଉତ୍କୃଷ୍ଟ-ସର୍ବୋତ୍କୃଷ୍ଟ ଆମେରିକୀୟ ପ୍ରଚାରକାର୍ଯ୍ୟ, ଏବଂ ଏହି ବିଷୟରେ ଆଲୋଚନା ଯେ, "ଆପଣଙ୍କୁ *ଏହା* କରିବାକୁ ପଡିବ, *ତାହା* କରିବାକୁ ପଡିବ ।"

71 ମୋର ବନ୍ଧୁ, ଗୋଟିଏ ବିଷୟ ଅଛି ଯାହାକୁ ନେଇ ମୁଁ ଆପଣମାନଙ୍କ ସହିତରେ ସଚ୍ଚୋଟ ହୋଇ ରହିବାକୁ ଚାହେଁ । ସେହି ବିଷୟଟି ହେଲା, ପରମେଶ୍ୱର ଯେଉଁ ଉପାୟରେ ସୁସ୍ଥ କରନ୍ତି, ତାହା ତାହାଙ୍କ ପ୍ରତି କରିଥିବା ସେବାର ଆଧାରରେ ଅଟେ । ବୁଝିଲେ? ଏହା ତାହାଙ୍କ ପ୍ରତି କରିଥିବା ସେବାର ଆଧାରରେ ଅଟେ । ଆମେ ଆମର ଆରୋଗ୍ୟତାକୁ ସେହି ଆଧାରରେ ଗ୍ରହଣ କରିବା ଉଚିତ୍, ଯେ, ଆମେ ସୁସ୍ଥ ହେବା ପରେ ତାହାଙ୍କର ସେବା କରିବୁ । ତେବେ, ବାଇବଲ କୁହେ, "ନିଜର ଦୋଷଗୁଡିକୁ, ଜଣେ ଅନ୍ୟ ପାଖରେ ସ୍ୱୀକାର କର । ଜଣେ ଅନ୍ୟ ପାଇଁ ପ୍ରାର୍ଥନା କର, ଯେପରିକି ଆପଣ ସୁସ୍ଥ ହୋଇପାରିବେ ।" ବୁଝିଲେ? ଏହା ସେହି ଆଧାରରେ, ଯେ ଆପଣ ପରମେଶ୍ୱରଙ୍କର ସେବା କରିବେ । ଆପଣମାନଙ୍କ ମଧ୍ୟରୁ ଅନେକେ ଏଠାରେ, ବୋଧହୁଏ, ମୃତ୍ୟୁବରଣ ଅବସ୍ଥାରେ ରହିଛନ୍ତି, ଏବଂ ଆପଣ—ଆପଣ ନିଶ୍ଚୟ ମରିବେ ଯଦି କିଛି ଗୋଟାଏ ବିଷୟ କରା ନ ଯାଏ । ତାହାପରେ ମୁଁ ଚାହେଁ ଯେ ଆପଣ, ନିଜ ହୃଦୟରେ...

72 ତେବେ, ଆମେ ଆପଣଙ୍କୁ ତେଲରେ ଅଭିଷେକ କରିପାରୁ, ଆମେ ଆପଣଙ୍କ ଉପରେ ପ୍ରାର୍ଥନା କରିପାରୁ, ପାଳକ ଏବଂ ମୁଁ, ବିଶ୍ୱାସର ଏକ ପ୍ରାର୍ଥନା କରିପାରୁ, ଆମେ ଯାହା ସମ୍ଭବ ତାହା ସବୁ କରିପାରୁ, ମାତ୍ର ଏହା ସେପର୍ଯ୍ୟନ୍ତ ଲାଭକାରୀ ହେବ ନାହିଁ ଯେପର୍ଯ୍ୟନ୍ତକି ଆପଣ ନିଜେ ଖ୍ରୀଷ୍ଟଙ୍କ ସହ ସହଭାଗୀତାରେ ପ୍ରବେଶ ନ କରନ୍ତି। ବୁଝିଲେ? ଆପଣଙ୍କୁ ତ ସେହି ସହଭାଗୀତା ମଧ୍ୟକୁ ଆସିବାକୁ ଅଛି, ଯେ, "ମୁଁ ପ୍ରଭୁ..."

73 ମୁଁ ବର୍ତ୍ତମାନ ହିଁ ଜଣେ—ଜଣେ—ଜଣେ ଯୁବା ମହିଳାଙ୍କୁ ସେଠାରେ ଚାଲୁଥିବାର ଦେଖିଲି। ସେ ଏଠାରେ, କିଛି ସମୟ ପୂର୍ବରୁ ଏହି ଗୃହ ଭିତରକୁ, ଟ୍ୟୁମର, କିମ୍ବା ହୋଜକିନ୍ ରୋଗ ଭଳି କିଛି ଗୋଟାଏ ସହିତ ଆସିଥିଲେ। ଏବଂ ସେ ବିଶ୍ୱାସ ଦ୍ୱାରା, ଜଣେ ମେଥୋଡିଷ୍ଟ ଅଟନ୍ତି। ମୁଁ ବିଶ୍ୱାସ କରେ ଯେ ତାହା ଠିକ୍ ଅଟେ, ଭଉଣୀ, କଅଣ ନୁହେଁ କି? ଏବଂ ତାଙ୍କର ପାର୍ଶ୍ୱରେ ଏକ ବଡ ମାଂସ ପିଣ୍ଡୁଳା ବଢି ଯାଇଥିଲା। ଏବଂ ବର୍ତ୍ତମାନ ସେ, ସେଠାରେ ସୁସ୍ଥ ଅଛନ୍ତି।

74 ମୁଁ ଏଠାରେ ଭଉଣୀ ୱିଭରଙ୍କୁ ଠିଆ ହେବାର ଦେଖେ, ଯିଏକି କର୍କଟ ରୋଗର ଏକ ଖରାପ ମାମଲା ଥିଲେ, ଯାହାକି ମୁଁ ମୋ ଜୀବନରେ କେବେ ଦେଖିଥିଲି। ଏବଂ ପ୍ରଥମ ବିଷୟ ମୁଁ ତାଙ୍କୁ ପଚାରିଲି, କଅଣ ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେବେ ଓ ନିଜର ପାପଗୁଡିକୁ ସ୍ୱୀକାର କରିବେ କି? ଯେତେବେଳେ ମୁଁ ତାଙ୍କୁ ଏହି ଜଳ ଭିତରକୁ ନେଲି, ମୋତେ ତାଙ୍କୁ ଧରି ରଖିବାକୁ ପଡିଥିଲା; ସେ ଏତେ ପତଳା ଥିଲେ, ତାଙ୍କ ବାହୁଗୁଡିକ, କେବଳ ଛୋଟ ଛୋଟ ପତଳା ହୋଇ ରହିଥିଲା। ଏବଂ ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ। ଏବଂ ତାହା ଅତି କମ୍‌ରେ ଦଶ ବର୍ଷ ପୂର୍ବର ଘଟଣା ଅଟେ, ଭଉଣୀ, କଅଣ ତାହା ନୁହେଁ କି? [ଭଉଣୀ ୱିଭର କୁହନ୍ତି, "ନା। ତାହା ଷୋହଳ ବର୍ଷ ପୂର୍ବର ଘଟଣା ଅଟେ।"—ସମ୍ପା।] ଷୋହଳ ବର୍ଷ ପୂର୍ବେ। ଷୋହଳ ବର୍ଷର ରକ୍ଷାପ୍ରାପ୍ତ ଜୀବନ, କାରଣ ସେ ଆଜ୍ଞା ପାଳନ ହେତୁ ଆସିବାକୁ ଇଚ୍ଛୁକ ହୋଇଥିଲେ। ଯେତେବେଳେକି ଏଠାରେ ଆଖପାଖରେ ଥିବା ସର୍ବୋତ୍ତମ ଡାକ୍ତରମାନେ...

75 କାହିଁକି, ତାଙ୍କର ନିଜ ଡାକ୍ତର ମୋତେ କହିଥିଲେ। ଯେତେବେଳେ, ମୁଁ ତାଙ୍କୁ ଜଣାଇଲି—ତାଙ୍କୁ ଜଣାଇଲି ଯେ, କହିଲି, "ସେ ସୁସ୍ଥ ହୋଇଛନ୍ତି।"

76 କହିଲେ, "ଓଃ, ଓଃ! ସେ ତ କିଛି ସପ୍ତାହ ମଧ୍ୟରେ, କର୍କଟ ରୋଗରେ ମରିଯିବେ। ତାହା ବିଷୟରେ ଚିନ୍ତା କରନ୍ତୁ ନାହିଁ। ସେ ତ ଚାଲିଯିବେ। ଆଉ କିଛି ସପ୍ତାହ ମଧ୍ୟରେ, ସେ ଚାଲିଯିବେ।" ଏବଂ ସେ ଆଗରୁ ତାଙ୍କୁ ବଞ୍ଚିବା ନିମନ୍ତେ ପ୍ରାୟଃ ଗୋଟିଏ ଦିନ ସମୟ ଦେଇ ସାରିଥିଲେ। ଏବଂ ଏଠାରେ ସେ, ଆଜି, ଷୋହଳ ବର୍ଷ ପରେ, ଯଜ୍ଞବେଦୀରେ ଠିଆ ହୋଇଛନ୍ତି। ମୁଁ ଆଉ କଅଣ ବା, ଅଧିକ ରୁ ଅଧିକ, ଅଧିକ ରୁ ଅଧିକ କହିପାରିବି!

77 ତେବେ, ଏହା ନୁହେଁ ଯେ ପରମେଶ୍ୱର କେବଳ ତାଙ୍କର ଗୋଟିଏ ସନ୍ତାନ ପାଇଁ ତାହା କରନ୍ତି, ଏବଂ ଅନ୍ୟ ସନ୍ତାନମାନଙ୍କ ପାଇଁ ତାହା କରନ୍ତି ନାହିଁ। ସେ ତାହାଙ୍କର ସମସ୍ତ ସନ୍ତାନମାନଙ୍କ ପାଇଁ ଏହା କରନ୍ତି। "ଯେକେହି ଇଚ୍ଛା କରେ ସେ ଆସୁ।" ଏହା

ଅଟେ...ଆପଣଙ୍କୁ ତାହାଙ୍କଠାରେ ନିମନ୍ତ୍ରିତ କରାଯାଇଛି। ବର୍ତ୍ତମାନ, "ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ।" ବାଇବଲ ତାହା କୁହେ।

78 ତେବେ—ତେବେ, ଯଦି...ଯାହା ଆପଣ କରନ୍ତୁ ବୋଲି ମୁଁ ଚାହେଁ, ତାହା ହେଉଛି ପରମେଶ୍ୱରଙ୍କ ନିକଟରେ ନିଜର ଭୁଲ୍‌ଗୁଡିକୁ ସ୍ୱୀକାର କରନ୍ତୁ, ଏବଂ କୁହନ୍ତୁ, "ହେ ପ୍ରଭୁ, ମୋତେ ସୁସ୍ଥ କର।" ଯଦି ଆପଣ କେବେବି ପରିବର୍ତ୍ତିତ ହୋଇ ନାହାଁନ୍ତି, ତାହାହେଲେ ନିଜର ହୃଦୟକୁ ଖ୍ରୀଷ୍ଟଙ୍କୁ ଦେଇ ଦିଅନ୍ତୁ। ଏବଂ ଯଦି ଆପଣ କେବେବି, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଜଳରେ ବାପ୍ତିଜିତ ହୋଇ ନାହାଁନ୍ତି, ତେବେ ସେଠାରେ ଏକ ପୁଷ୍କରିଣୀ ପ୍ରସ୍ତୁତ ରହିଛି। ବୁଝିଲେ?

79 ଏବଂ ଏଠାରେ ରାସ୍ତାରେ ଆର ପାରିରେ ରହୁଥିବା ଏହି ଛୋଟ ମହିଳାଟି; ଯେତେବେଳେ ସେଠାରେ ସେହି ଅବିଶ୍ୱାସୀଜଣକ ଏହା ଦ୍ୱାରା ପରିବର୍ତ୍ତିତ ହୋଇଥିଲେ। ଯେତେବେଳେ ସେ ଶୋଇଥିଲେ...ସେମାନେ ତାଙ୍କୁ ସିଲ୍‌ଭରକ୍ରେଷ୍ଟରୁ ଯକ୍ଷ୍ମା ରୋଗ ସହିତ, ମୃତ୍ୟୁବରଣ କରୁଥିବା ଅବସ୍ଥାରେ, ଘରକୁ ଫେରାଇ ଦେଇଥିଲେ। ଏବଂ ଯେତେବେଳେ ମୁଁ ସେଠାରେ ତଳକୁ ଗଲି, ଏବଂ ପ୍ରଭୁ ଏକ ଦର୍ଶନ ଦେଲେ, କହିଲେ, "ସେ ସୁସ୍ଥ ହେବାକୁ ଯାଉଛନ୍ତି।"

80 ଏବଂ ପରଦିନ ସକାଳେ, ସେ ମୋତେ ସେଠାରେ ଭେଟିଲେ, ଶ୍ରୀମାନ ଆଣ୍ଡରୁ୍ୟଜ, ଏବଂ ମୋତେ ଠିକ ଅପଶବ୍ଦ କହିଲେ। କହିଲେ, "ସେହି ସ୍ତ୍ରୀଲୋକ ଉପରେ, ସେପରି ଏକ ମିଥ୍ୟା ଆଶା!"

81 ମୁଁ କହିଲି, "ଶ୍ରୀ ଆଣ୍ଡରୁ୍ୟଜ, ଏହା ଏକ ମିଥ୍ୟା ଆଶା ନୁହେଁ। ସେହି ମହିଳା ଜଣେ ଖ୍ରୀଷ୍ଟିଆନ ଅଟନ୍ତି। ଏବଂ ଯେତେବେଳେ ସେ ସକ୍ଷମ ହୁଅନ୍ତି, ସେ ବାପ୍ତିଜିତ ହେବାକୁ ଆସୁଛନ୍ତି।"

82 ଏବଂ ସେ କହିଲେ, "ସେ ମରୁଅଛନ୍ତି।" କହିଲେ, "ମୁଁ...ତାଙ୍କୁ ସିଲ୍‌ଭରକ୍ରେଷ୍ଟରୁ କିପରି ଘରକୁ ପଠାଗଲା?"

83 ମୁଁ କହିଲି, "ମହାଶୟ, ଆପଣ ଦେଖୁଛନ୍ତି, ଆପଣ...ଆପଣ ଯାହା ଦେଖୁଛନ୍ତି, ଆପଣ ତାହା ଦେଖୁଛନ୍ତି ଯାହା ଡାକ୍ତର କହିଅଛି। ମୁଁ ତାହା ଦେଖୁଅଛି ଯାହା ପରମେଶ୍ୱର କହିଛନ୍ତି।" ବୁଝିଲେ?

84 ତେବେ, ଏହା ତ କେବଳ ସେହି ପାର୍ଥକ୍ୟ ଅଟେ, ଯେ ଆପଣ କଅଣ ଦେଖୁଛନ୍ତି। ବୁଝିଲେ? ଆପଣ ତାହା ଦେଖୁଛନ୍ତି ଯାହା ଡାକ୍ତର କହିଛି, ତୁମେ ନିଶ୍ଚିତରେ ମରିଯିବ। ମାତ୍ର ଆପଣଙ୍କୁ ତ ତାହା ଦେଖିବାକୁ ଅଛି ଯାହା ପରମେଶ୍ୱର କହିଛନ୍ତି। ଆପଣ କାହାର ଶବ୍ଦକୁ ନେବାକୁ ଯାଉଛନ୍ତି?

85 କଅଣ ହୁଏ ଯଦି ଅବ୍ରହାମ ସେହି ବିଷୟରେ ଡାକ୍ତରଙ୍କ ମତାମତ ନେଇଥାନ୍ତେ ଯେ ତାଙ୍କୁ ଶହେ ବର୍ଷ ବୟସ ହୋଇଅଛି, ଏବଂ ନବେ ବର୍ଷର, ତାଙ୍କ ପତ୍ନୀ ଦ୍ୱାରା ଏକ ସନ୍ତାନ ପ୍ରାପ୍ତ

କରିବାକୁ ଯାଉଛନ୍ତି? ତେବେ ସେ କଅଣ କରିଥାନ୍ତେ? ବୁଝିଲେ? କାହିଁକି, ସେହି ଡାକ୍ତର ତ କହିଥାନ୍ତା, "ଏହି ଲୋକଟି ପାଗଳ ଅଟେ।" ମାତ୍ର ପରମେଶ୍ୱର ତାଙ୍କ ପ୍ରତି ତାହା ଧାର୍ମିକତା ଗଣନା କଲେ, କାରଣ ସେ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ। ବୁଝିଲେ? ବର୍ତ୍ତମାନ, ଆପଣ...

86 ଏବଂ ସେହି ସ୍ତ୍ରୀଲୋକଟି ବଞ୍ଚିଲେ। ସେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବାପ୍ତିଜିତ ହେବାରେ ଅବହେଳା କଲେ, କାରଣ ମୁଁ ଭାବୁଛି ସେ ଏକ ପ୍ରକାରେ ଜଣେ ମେଥୋଡିଷ୍ଟ ବା ପ୍ରେସ୍‌ବିଟେରିଆନ୍ ଥିଲେ। ସେ ଅସୁସ୍ଥ ଆହୁରି ଅଧିକ ଅସୁସ୍ଥ ହେବାରେ ଲାଗିଲେ। ଏବଂ ସେ ଆସି ଗ୍ରେସ୍ ୱେବରକୁ ଭେଟିଲେ, ଯିଏକି ଠିକ୍ ସେଠାରେ ରହୁଥିଲେ, କିମ୍ବା, ଏବେ ସୁଦ୍ଧା ସେଠାରେ ରହୁଛନ୍ତି, ତାଙ୍କ ଝିଅ ରହୁଛନ୍ତି, ପୋଷାକ ନେଲେ, ଏବଂ ଏଠାକୁ ଆସିଲେ, ଆଉ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଲେ, ଏକ ଜ୍ୱର ସହିତ, ପୁଣି ସମସ୍ତ କାନ୍ଧରେ ମାଂସ ପିଣ୍ଡୁଳାଗୁଡିକ ବୃଦ୍ଧି ପାଇଥିଲା ଏବଂ ପ୍ରଭୃତି ସବୁ ରହିଥିଲା, ଏବଂ ଶହେ ଚାର ତାପମାତ୍ରାର, ଜ୍ୱରରେ ଆକ୍ରାନ୍ତ ଥିଲେ। ଏବଂ ଠିକ ଏଠାରେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ବାପ୍ତିଜିତ ହୋଇଥିଲେ। ଏବଂ ସେ ଠିକ ଏଠାରୁ ରାସ୍ତାର ଆର ପାରିରେ ରୁହନ୍ତି। ହୋଇପାରେ ଯେ ବର୍ତ୍ତମାନ ଏଠାରେ ବସିଥିବେ। କିଛି ମିନିଟ୍ ପୂର୍ବରୁ, ମୁଁ ଚାରିଆଡେ ଅନାଉଥିଲି ଯେପରି ମୁଁ ତାଙ୍କୁ ପାଇ ପାରିଯିବି ଭାବି। ବୁଝିଲେ? ଆଜ୍ଞାବହତା, ଆପଣ ଦେଖନ୍ତୁ।

87 ଏହା କେବଳ ଚାରିଆଡ଼େ ବୁଲିବା ନୁହେଁ...ମୁଁ ଆମର କିଛି ଭାଇମାନଙ୍କ ସହିତ ଭିନ୍ନମତ ରଖେ, ଯେ କେବଳ *ଏହା*, *ତାହା*, ଏବଂ *ଅନ୍ୟ* କାହାରି ଉପରେ ହାତ ରଖିଦେବା, ସେହିପରି କିଛି, ଏବଂ ଏହା କହିବା ଯେ ଏହା ତ ଏକ ପ୍ରକାରର ଉତ୍କୃଷ୍ଟ-ସର୍ବୋତ୍କୃଷ୍ଟ ବିଶ୍ୱାସ ଆବଶ୍ୟକ କରେ। ଏହା ତାହା ନୁହେଁ। ଆପଣଙ୍କୁ ତ ପ୍ରକୃତ, ଦୃଢ, ବାଇବଲ, ପବିତ୍ରଆତ୍ମା ବିଶ୍ୱାସ ରଖିବାକୁ ଅଛି। ବୁଝିଲେ? ଏହା କରିବ ନାହିଁ, ଏହା ସ୍ଥାୟୀ ରହିବ ନାହିଁ। ଏହା ସ୍ଥାୟୀ ନୁହେଁ।

88 ସେହି କାରଣ ହେତୁ ମୁଁ ପ୍ରଭୁଙ୍କୁ ଧନ୍ୟବାଦ ଦେଇପାରେ ଯେ ସେ ମୋତେ ଏଯାଏଁ ସାହାଯ୍ୟ କରିଛନ୍ତି। ସେହି—ସେହି—ସେହି ଘଟିଥିବା ଆରୋଗ୍ୟତାଗୁଡିକ ପ୍ରକୃତ ଅଟେ, କାରଣ ସେଗୁଡିକ ପ୍ରକୃତରେ **ସଦାପ୍ରଭୁ ଏହି କଥା କୁହନ୍ତି** ଉପରେ ନିର୍ମିତ ଅଟେ। ବୁଝିଲେ? ତେଣୁକରି ସେଗୁଡିକ ସ୍ଥାୟୀ ରହିବ।

89 ତେବେ—ତେବେ, ଯେପରିକି ସେହି ଛୋଟ ରବିବାର ଶିକ୍ଷାର ଶ୍ରେଣୀ ଥିଲା, ମୁଁ ଆପଣଙ୍କ ସହିତ କଥାବାର୍ତ୍ତା କରୁ କରୁ, ମାତ୍ର ଗୋଟିଏ ମିନିଟ୍ ଅପେକ୍ଷା କରୁଥିଲି, ଯେପର୍ଯ୍ୟନ୍ତକି ସେମାନେ ସ୍ଥିତିଗତ ଭାବରେ, ସେମାନଙ୍କର ଯଥା ସ୍ଥାନ ପାଇ ନ ଯାଆନ୍ତି, ଯେପରିକି ଆମେ ବର୍ତ୍ତମାନ ନୀରବ ହୋଇ ରହିପାରିବା। ଆମ ପାଖରେ ମାତ୍ର ଅଳ୍ପ କେତେକ ମିନିଟ୍ ଅଛି, ଆମେମାନେ ପ୍ରାର୍ଥନା କରିବା, ପ୍ରାର୍ଥନା ଆରମ୍ଭ କରିବା।

90 ବର୍ତ୍ତମାନ, ମୁଁ ଚାହେଁ ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ପରମେଶ୍ୱରଙ୍କ ନିକଟରେ ନିଜର ଭୁଲ୍‌ଗୁଡିକୁ ସ୍ୱୀକାର କରୁ, ଏବଂ ପରମେଶ୍ୱରଙ୍କଠାରେ ପ୍ରତିଜ୍ଞା କରୁ ଯେ

ଆପଣ ତାହାଙ୍କର ସେବା କରିବେ ଏବଂ ଆପଣ ଯଥାସମ୍ଭବ ସବୁକିଛି କରିବେ । ଏବଂ ପାଳକ ଓ ମୁଁ ପ୍ରାର୍ଥନା କରିବାକୁ ଯାଉଛୁ, ଏବଂ ଆସି ଆପଣଙ୍କ ଉପରେ ହାତ ରଖିବାକୁ ଯାଉଛୁ, ଏବଂ ଆପଣ ନିଶ୍ଚିତ ଭାବରେ ସୁସ୍ଥ ହେବେ ଯଦି ଆପଣ ଏହାକୁ ବିଶ୍ୱାସ କରିବେ ।

91 କିପରି ସେହି ଲୋକମାନେ ଯେଉଁମାନେକି ସାହାରବାଡିରେ ଥିଲେ, ଏବଂ ବଧିର, ଓ ମୂକ, ଏବଂ ଅନ୍ଧ ଥିଲେ, ଗତ ରବିବାର ଅପରାହ୍ନରେ, ଠିକ ମଞ୍ଚ ଉପରକୁ ଚାଲିକରି ଗଲେ, ସେମାନଙ୍କ ସାହାରବାଡିକୁ ଫିଙ୍ଗି ଦେଇଥିଲେ; ମଞ୍ଚ ଉପରକୁ ଚାଲିକରି ଆସିଲେ, ଆଖିଗୁଡିକୁ ଉନ୍ମୁକ୍ତ ହୋଇଥିଲା, ଆପଣ ଜାଣନ୍ତି, ସେହିପରି ଭାବରେ? ସେମାନଙ୍କ ମଧ୍ୟରୁ ଶହ ଶହ ଗୁଣନ! ଏପରିକି, ମୁଁ ଏତେ ଦୁର୍ବଳ ହୋଇ ଯାଇଥିଲି, ସେମାନଙ୍କୁ ମୋତେ ପ୍ରାୟଃ ସେହି ସ୍ଥାନରୁ ଧରିକରି ନେଇଯିବାକୁ ପଡିଥିଲା, କେବଳ ଠିଆ ହୋଇଥିଲି, ଆଉ ସେମାନେ ସେହି ବାଟ ଦେଇ ଯାଉଥିଲେ । ବୁଝିଲେ? ଗୋଟିଏ ଧାଡି ଯାହାକି ଏଠାରୁ ନେଇ ଜେଫର୍ସନଭିଲ୍ ହାଇସ୍କୁଲ୍ ପର୍ଯ୍ୟନ୍ତ, ପ୍ରାୟଃ ପହଞ୍ଚି ଯିବ, ଧାଡି ବାନ୍ଧି ହୋଇ, ସେହି ପଂକ୍ତିରେ ଆସିଲେ । ଏବଂ ମୁଁ ଜାଣେ ନାହିଁ ଯେ ସେଠାରେ ସେମାନଙ୍କ ମଧ୍ୟରୁ ଏପରି କେହି ଜଣେ ବି ଥିଲେ, ଯିଏକି ସୁସ୍ଥ ହୋଇ ନ ଥିଲେ । ବୁଝିଲେ? କାରଣ ସେମାନେ ପ୍ରକୃତ, ଖାଣ୍ଟି ଖ୍ରୀଷ୍ଟିଆନ ବିଶ୍ୱାସ ଏବଂ ବିଶ୍ୱାସ କରିବାର ଆଧାରରେ ଆସନ୍ତି । ସେମାନେ...ଏହା ତ ଘଟିବାକୁ ଅଛି ।

ବର୍ତ୍ତମାନ ଆପଣମାନେ, ସମସ୍ତେ ନିଜର ମସ୍ତକଗୁଡିକୁ ନତ କରନ୍ତୁ, ମୋତେ ସେମାନଙ୍କ ପାଇଁ ପ୍ରାର୍ଥନା କରିବାରେ ସାହାଯ୍ୟ କରନ୍ତୁ ।

92 ପ୍ରଭୁ ଯୀଶୁ, ଆଜି ସକାଳେ, ଆମେ ତୁମ ନିକଟକୁ, ଏଠାରେ ଠିଆ ହୋଇଥିବା ଅପେକ୍ଷାରତ, ଅସୁସ୍ଥ, ଦୁଃଖୀ, ପୀଡିତ ସନ୍ତାନମାନଙ୍କର, ଏହି ଶ୍ରୋତାବୃନ୍ଦଙ୍କୁ ଆଣୁଅଛୁ । ପ୍ରଭୁ, ସେମାନଙ୍କ ମଧ୍ୟରୁ ଅନେକେ, ସେମାନେ ଡାକ୍ତରୀ ଚିକିତ୍ସାର, କୌଣସି ଆଶାଠାରୁ ବାହାରେ ଅଟନ୍ତି, ବିଶେଷକରି ଏହି ବ୍ୟକ୍ତି ଯିଏକି ଏଠାରେ ଏହି ଖଟ ଉପରେ ପଡି ରହିଛନ୍ତି । ଏହା ହୁଏତ ତୁମର ଅନୁଗ୍ରହ ଅଟେ ନତୁବା ସେ କିଛି ଦିନ ମଧ୍ୟରେ ଏହି ଜଗତରୁ ବାହାରି ଯିବାକୁ ଯାଉଛନ୍ତି । ଏବଂ ଏଥିରେ କୌଣସି ସନ୍ଦେହ ନାହିଁ, ଏଠାରେ ବେଦୀ ନିକଟରେ କେତେକେ ଠିଆ ହୋଇଥାଇପାରନ୍ତି, ସେମାନଙ୍କୁ ହୃଦଘାତ, ଏବଂ ରୋଗ, ଓ ଦୁଃଖପୀଡା ଅପେକ୍ଷା କରୁଥାଏ ଯାହାକି ସେମାନଙ୍କୁ ଅତିଶୟ ଆଘାତ କରିବ ।

93 ପିତା, କେବଳ ଗୋଟିଏ ବିଷୟ ଅଛି, ଯାହାକି ସେମାନଙ୍କୁ ବଞ୍ଚାଇପାରେ, ତାହା ହେଉଛି, ଏଠାରେ ଏହି ଶରୀରରେ ଥିବା ଏହି ପାଞ୍ଚୋଟି ଇନ୍ଦ୍ରିୟଠାରୁ ବାହାରି ଯାଆନ୍ତୁ, ଯେଉଁଠାରେ ଡାକ୍ତରମାନେ ନିଃସନ୍ଦେହ, ସେମାନଙ୍କ ଜୀବନକୁ ବଞ୍ଚାଇବା ପାଇଁ, ବିଶ୍ୱସ୍ତ ଭାବରେ ଚେଷ୍ଟା କରିଛନ୍ତି; ରୋଗ, କର୍କଟ, ଯକ୍ଷ୍ମା, ହୃଦଘାତ । ଏବଂ ସମସ୍ତ ଚିକିତ୍ସାର ପ୍ୟାଚିଂ ଯନ୍ତ୍ରପାତି, ଏବଂ ନଳି, ଏବଂ ସାମଗ୍ରୀ ସହିତ, ଏବଂ—ଏବଂ—ଏବଂ ଜୀବାଣୁ-ପ୍ରତିରୋଧକ ଔଷଧ ସହିତ, ସେମାନଙ୍କ ଜୀବନକୁ ନେଇଯିବା ପାଇଁ, ଶତ୍ରୁ ଠିକ ମାଡି ଆସିଥାଏ ।

94 ଏବଂ ହେ ପ୍ରଭୁ, ମୁଁ ବିଶ୍ୱାସ କରେ, ଯେ ସେମାନଙ୍କ ନିକଟରେ, ମୁଁ ତୁମର ମତ, ପ୍ରକାଶ

କରିଅଛି । ଏବଂ ଆଜି ସକାଳେ ମୁଁ ସେହି ବ୍ୟକ୍ତିଙ୍କୁ ପରଭାଷାରେ କଥାବାର୍ତ୍ତା କରୁଥିବାର, ଏବଂ ସେହି ବ୍ୟାଖ୍ୟା ଦେଉଥିବାର ଶୁଣିଅଛି, ଯେ ଆଜି କଅଣ ଘଟିବ । ପ୍ରଭୁ, ସେମାନଙ୍କ ମଧ୍ୟରୁ କେତେକେ ନିଶ୍ଚିତରେ, ଏହାକୁ ଗ୍ରହଣ କରିବାକୁ ଯାଉଛନ୍ତି । ତାହା ଠିକ୍ ଅଟେ । ମୁଁ ଏହାକୁ ବିଶ୍ୱାସ କରେ ।

95 ଏବଂ ବର୍ତ୍ତମାନ, ଯେପରି ବାଇବଲରେ ଲେଖା ହୋଇଛି, ଯେ ସେହି ଛୋଟ ମେଷପାଳକ ବାଳକ, ଦାଉଦ, ସେଠାରେ ପଛ ପଟରେ ମରୁଭୂମିରେ, ନିଜ ପିତାଙ୍କର ମେଣ୍ଢାମାନଙ୍କୁ ଜଗୁଥିଲେ । ଏବଂ ଦିନେ ଗୋଟିଏ ସିଂହ ଆସି ତାଙ୍କ ପିତାଙ୍କର ଗୋଟିଏ ମେଷଶାବକକୁ ଉଠାଇ ନେଇ, ସେଠାରୁ ପଳାଇଗଲା । ଏବଂ ସେହି ଛୋଟ ମେଷପାଳକ ବାଳକଟି, ବିଶ୍ୱାସ ସହିତରେ, ଏହି ସିଂହ ବିରୁଦ୍ଧରେ ଆସିବା ପାଇଁ ତାଙ୍କ ପାଖରେ କଅଣ ଥିଲା? ଏକ ଆଧୁନିକ ରାଇଫଲ ଅବା ବନ୍ଧୁକ କିଛି ନୁହେଁ । ମାତ୍ର ତାଙ୍କ ପାଖରେ ଗୋଟିଏ ବାଟୁଳି ଥିଲା, ଏବଂ ସେ ସେହି ସିଂହ ପଛରେ ଧାଇଁଲେ । ସେ ସେହି ସିଂହକୁ ବଧ କରି, ସେହି ମେଣ୍ଢାଟିକୁ ଫେରାଇ ଆଣିଲେ । ଗୋଟିଏ ଭାଲୁ ଆସି ଗୋଟିଏ ମେଣ୍ଢାକୁ ନେଇଗଲା; ସେ ସେହି ଭାଲୁ ପଛରେ ଗଲେ ଯିଏକି ତାକୁ ଛିନ୍ନଛତ୍ର କରି ପକାଇଥାନ୍ତା । ମାତ୍ର ସେ ସେହି ଭାଲୁର ଆକାର ବିଷୟରେ ଚିନ୍ତା କଲେ ନାହିଁ, କିମ୍ବା ସେହି ସିଂହର ଶକ୍ତି, କିମ୍ବା ତାର ଦ୍ରୁତତା, ଅବା ନିଜ ବାଟୁଳିର ଅକ୍ଷମତା ବିଷୟରେ ଚିନ୍ତା କଲେ ନାହିଁ ।

96 ମାତ୍ର ଯେତେବେଳେ ସେ ରାଜା ଶାଉଲଙ୍କ ସମ୍ମୁଖରେ ଠିଆ ହେଲେ, ସେ କହିଲେ, "ତୁମର ଦାସ ତାର ପିତାଙ୍କ ମେଣ୍ଢାଗୁଡିକୁ ଚରାଉଥିଲା, ଏବଂ ଗୋଟିଏ ସିଂହ ଆସି ଏକ ମେଣ୍ଢାକୁ ଧରି, ପଳାଇଲା । ଏବଂ ମୁଁ ତାର ପଛେ ପଛେ ଯାଇ ସେହି ମେଣ୍ଢାଟିକୁ ଫେରାଇ ଆଣିଲି ।" ସେ କହିଲେ, "ସେହି ସମାନ ପରମେଶ୍ୱର ଯିଏକି ମୋତେ ସେହି ଭାଲୁର ହାତରୁ, କିମ୍ବା ତାର ପଞ୍ଝାରୁ, କିମ୍ବା ସେହି ସିଂହର ପାଟିରୁ ଉଦ୍ଧାର କରିଥିଲେ, ସେ ଏହି ଅସୁନ୍ନତ ପଲେଷ୍ଟୀୟକୁ ମଧ୍ୟ ନେଇ ତାକୁ ମୋ ହାତରେ ଦେଇପାରନ୍ତି ।"

97 ଆମେମାନେ ଜାଣିଛୁ ଯେ କାହାଣୀଟି କିପରି ଅଗ୍ରସର ହୁଏ, ଯେ ସେ ଜଣେ ବ୍ୟକ୍ତିଙ୍କୁ; ବଧ କଲେ ଯିଏକି, ତାଙ୍କଠାରୁ ଅପେକ୍ଷାକୃତ ଭାବରେ ଅନେକ ଅନେକ ଗୁଣରେ ବିଶାଳକାୟ ଥିଲା, ଏବଂ ଜଣେ ଯୋଦ୍ଧା ଥିଲା । କିପରି ଯେ ଏହା ଶାଉଲଙ୍କୁ, ସେହି ମହାନ ରାଜା, ମହାନ, ପରାକ୍ରମୀ ବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟରେ ପକାଇ ଦେଇଥିଲା, ଯେ କିପରି ସେହି ଛୋଟ ବାଳକଟିର ଏକ ବାଟୁଳି ଉପରେ ଏତେ ଅଧିକ ବିଶ୍ୱାସ ରହିପାରିଥାଏ । ନା, ଏକ ବାଟୁଳିରେ ନୁହେଁ, ବରଂ ପରମେଶ୍ୱରଙ୍କଠାରେ ।

98 ବର୍ତ୍ତମାନ, ପ୍ରଭୁ, ଏହି ବେଦୀ ଚାରିପାଖରେ ଠିଆ ହୋଇ, ଏଠାରେ ଏହି ଖଟରେ ପଡି ରହିଥିବା, ଏମାନେ ପରମେଶ୍ୱରଙ୍କ ମେଷମାନେ ଅଟନ୍ତି, ଛୋଟ ଛୋଟ ମେଷଶାବକମାନେ, ଯେପରିକି ଏହା, ତାହାଙ୍କ ପ୍ରତି ଥିଲା । ସେମାନେ କର୍କଟ ନାମକ ଏକ ସିଂହ, ଯକ୍ଷ୍ମା ନାମକ ଏକ ଭାଲୁ ଦ୍ୱାରା ଧରା ଯାଇଛନ୍ତି, ଅନ୍ୟାନ୍ୟ ରୋଗମାନ ଯାହାକି ସେମାନଙ୍କୁ ଧରି ପକାଇଅଛି,

ଏବଂ ସେମାନଙ୍କୁ ଅସ୍ତ ବ୍ୟସ୍ତ କରିଦେଇଛି, ଏବଂ ସେମାନଙ୍କୁ ଛାରଖାର କରିଦେଇଛି। ପ୍ରଭୁ, ମୁଁ—ମୁଁ ସେମାନଙ୍କ ପଛରେ ଆସୁଛି, ବିଶ୍ୱାସର ପ୍ରାର୍ଥନା ନାମକ ଏକ ଛୋଟ ବାଟୁଳି ସହିତ। ଏହା ବହୁତ ଅଧିକ କିଛି ନୁହେଁ, ମାତ୍ର ମୁଁ ଜାଣେ ଯେ ଏହା କଅଣ କରିଥାଏ। ଏବଂ ମୁଁ ଜାଣେ ଯେ ଏହା ଏବେ ସୁଦ୍ଧା ସେହି ସମାନ ପରମେଶ୍ୱର ଅଟନ୍ତି। ପ୍ରଭୁ, ଆଜି ସକାଳେ, ମୁଁ ସେମାନଙ୍କ ପଛରେ ଆସୁଛି, ଯେପରିକି ସେମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟର ସବୁଜ ଛାୟାମୟ ଚାରଣଭୂମିର ନିକଟକୁ, ଏବଂ ସେମାନଙ୍କର ବ୍ୟତିବ୍ୟସ୍ତଠାରୁ ଦୂର, ଶାନ୍ତିର ସ୍ଥିର ଜଳ ନିକଟକୁ ଫେରାଇ ଆଣେ, ଯେପରି ତୁମଠାରେ ବିଶ୍ୱାସ କରନ୍ତି।

99 ଏବଂ ମୁଁ ସେମାନଙ୍କ ପଛେ ପଛେ, ସେହି ଅସ୍ତ୍ରଶସ୍ତ୍ର ସହିତ ଯାଉଅଛି ଯାହା ତୁମେ ଭିତରକୁ ଯିବା ନିମନ୍ତେ ଦେଇଅଛ। "ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ, ଏବଂ ପରମେଶ୍ୱର ସେମାନଙ୍କୁ ଉଠାଇବେ। ଯଦି ସେମାନେ କୌଣସି ପାପ କରିଥାଆନ୍ତି, ତେବେ ସେମାନଙ୍କୁ ଏହା କ୍ଷମା କରାଯିବ।"

100 ଏବଂ, ପିତା, ଆମେମାନେ ବର୍ତ୍ତମାନ ଶତ୍ରୁଙ୍କୁ ଭେଟିବାକୁ, ସେହି ସିଂହଙ୍କୁ ଭେଟିବାକୁ ଯାଉଅଛୁ, ସେହି—ସେହି ଶୟତାନକୁ ପ୍ରତ୍ୟେକ ରୂପରେ ସାକ୍ଷାତ କରିବାକୁ ଯାଉଛୁ ଯେଉଁ ରୂପରେ ବି ସେ ଅଛି, ଯାହାର ନାମ କର୍କଟ, ଯକ୍ଷ୍ମା, ହଜ୍କିନ୍ ରୋଗ, ହୃଦଘାତ, ଅନ୍ୟ ଯେକୌଣସି ରୋଗ ବି ଅଟେ। ଆମେ ତାକୁ ଖୋଜିବାକୁ ଆସିଛୁ, ଏବଂ ଏହି ମେଷଶାବକକୁ ପୁନର୍ବାର ପରମେଶ୍ୱରଙ୍କ ଗୃହକୁ ଫେରାଇ ନେବାକୁ ଆସିଛୁ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତୁମେ ଆମକୁ ଦେଇଥିବା ଏହି ବାଟୁଳିକୁ ଆମେ ବ୍ୟବହାର କରିବାକୁ ଯାଉଅଛୁ। ପିତା, ଆମ ସହିତରେ ରୁହ, ଯେତେବେଳେକି ଆମେ ବର୍ତ୍ତମାନ ଭକ୍ତି ସହକାରେ, ଯୀଶୁଙ୍କ ନାମରେ ତୁମ ନିକଟକୁ ଆସୁଅଛୁ।

101 ମୁଁ ଚାହେଁ ଯେ ଆପଣ ନିଜର ମସ୍ତକଗୁଡିକୁ ନତ କରି ରଖିଥାନ୍ତୁ। ଏବଂ ଆମେ ତେଲ ସହିତ ଅଭିଷେକ କରିବାକୁ, ଏବଂ ରୋଗୀମାନଙ୍କ ଉପରେ ହାତ ରଖିବାକୁ ଆସୁଅଛୁ, ଏବଂ ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ। ଏଠାରେ ଥିବା ପ୍ରତ୍ୟେକ ଖ୍ରୀଷ୍ଟିୟାନ, ଏହି ପ୍ରାର୍ଥନା ପଂକ୍ତି ଉପରେ ନିଜର ବିଶ୍ୱାସକୁ ରଖନ୍ତୁ।

[ସେହି ପ୍ରାର୍ଥନା ପଂକ୍ତିଟି ସାଢ଼େ ତିନି ମିନିଟ୍ ପର୍ଯ୍ୟନ୍ତ ଚାଲିଲା, ଭାଇ ବ୍ରାନହାମ୍‌ଙ୍କର ଅନେକ ଶବ୍ଦଗୁଡିକୁ ବୁଝି ହୁଏ ନାହିଁ—ସମ୍ପା।]

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!

ଯୀଶୁଙ୍କ ନାମ!

ଯୀଶୁ ଖ୍ରୀଷ୍ଟଙ୍କ ନାମ!

ଯୀଶୁଙ୍କ ନାମ!

ପିତା, ମୁଁ ଶୟତାନକୁ ଭର୍ତ୍ସନା କରୁଛି!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!

ଆସ ଏବଂ ଏହାକୁ ବିଶ୍ୱାସ କର…?…ଏବଂ ଏହା ହୋଇଯିବ!…?…

ପ୍ରଭୁ, ତୁମେ…?…

ପରମେଶ୍ୱର…?…

102 ପ୍ରଭୁ, ତୁମେ…ତୁମେ ସେହି ସୁଯୋଗଟିକୁ ଲେଖିଥିଲ। ତୁମେ ହିଁ ସେହି ନିକଟ ସମ୍ପର୍କୀୟ ଅଟ, ଖ୍ରୀଷ୍ଟ!…?…ଯୀଶୁ ଖ୍ରୀଷ୍ଟଙ୍କ ନାମରେ!

103 "ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ।" ମୁଁ ଚାହେଁ ଯେ ତୁମେ ଏହାକୁ ତାଙ୍କ ପାଇଁ କର। ତାଙ୍କୁ ଏକ ସୁସ୍ଥ ମହିଳାଙ୍କ ଅବସ୍ଥାକୁ ଫେରାଇ ଆଣ!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମ, ତାଙ୍କୁ ଫେରାଇ ଆଣ!

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ତାଙ୍କୁ ଫେରାଇ ଆଣ!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୋ ଭଉଣୀକୁ ଫେରାଇ ଆଣ।

ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୋ ଭାଇକୁ ଫେରାଇ ଆଣ!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!…?…

ଯୀଶୁ ଖ୍ରୀଷ୍ଟଙ୍କ ନାମରେ!…?…

ଆପଣ କେବେବି କରି ନାହାଁନ୍ତି। ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ!

ମୁଁ ଏହା ପଛରେ ଆସେ, ଆଜି ସକାଳେ!…?…

104 ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଆପଣଙ୍କୁ ବିଶ୍ୱାସର ପ୍ରାର୍ଥନା ଦ୍ୱାରା, ଦାସତ୍ୱ ବନ୍ଧନରୁ, ଫେରାଇ ଆଣୁଛି!…?…ଆମେ ଏଥି ସହିତରେ ଆମର ବିଶ୍ୱାସକୁ ଯୋଗ କରୁ…?…

କେବଳ ବିଶ୍ୱାସ କର;

ତେବେ ଆମର ମସ୍ତକଗୁଡିକ ନତ କରିବା ସହ। ବର୍ତ୍ତମାନ:

କେବଳ ବିଶ୍ୱାସ କର, କେବଳ ବିଶ୍ୱାସ କର,
…ବିଷୟଗୁଡିକ ସମ୍ଭବ, କେବଳ ବିଶ୍ୱାସ କର।

ହେ ପ୍ରଭୁ, ମୁଁ ବିଶ୍ୱାସ କରେ, ହେ ପ୍ରଭୁ, ମୁଁ ବିଶ୍ୱାସ କରେ,
ସବୁ ବିଷୟ ସମ୍ଭବ…

ଆସନ୍ତୁ ଆମେମାନେ ବର୍ତ୍ତମାନ କେବଳ ନିଜର ହାତଗୁଡିକୁ ଉଠାଇବା।

…ପ୍ରଭୁ, ମୁଁ ବିଶ୍ୱାସ କରେ;
ହେ ପ୍ରଭୁ, ମୁଁ ବିଶ୍ୱାସ କରେ; ହେ ପ୍ରଭୁ, ମୁଁ ବିଶ୍ୱାସ କରେ,
ସବୁ ବିଷୟ ସମ୍ଭବ, ହେ ପ୍ରଭୁ, ମୁଁ ବିଶ୍ୱାସ କରେ।

105 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ସେମାନେ ଯେଉଁମାନେକି ଉଠି ପାରିବେ, ନିଜର ହାତଗୁଡିକୁ ଉଠାନ୍ତୁ, ଯେ ସେମାନେ ଏହାକୁ ଗ୍ରହଣ କରି ନେଇଛନ୍ତି। ଖଟ ଉପରେ ପଡି ରହିଥିବା ଏହି ଭାଇଜଣକ, ଉଠି ପଡ଼ିଲେ, ଏହା ଦର୍ଶାଇବା ନିମନ୍ତେ ଯେ ସେ ତାଙ୍କର ଆରୋଗ୍ୟତାକୁ ଗ୍ରହଣ କରି ନେଇଛନ୍ତି। ପ୍ରଭୁ, ଆମେମାନେ ବିଶ୍ୱାସ କରୁ ଯେ, ସେମାନେ ବର୍ତ୍ତମାନ ଶାନ୍ତିପୂର୍ଣ୍ଣ ଭାବରେ ସବୁଜ ଛାୟାମୟ ଚାରଣଭୂମିକୁ, ସ୍ଥିର ଜଳ ନିକଟକୁ ଫେରୁ ଅଛନ୍ତି, ଯେ ଯୀଶୁଙ୍କ ନାମରେ, ପୁନର୍ବାର ସୁସ୍ଥ ହୁଅନ୍ତି। ଆମେ ଏଥିପାଇଁ ତୁମକୁ ଧନ୍ୟବାଦ ଦେଉଅଛୁ। ଆମେନ୍।

106 ଠିକ ଅଛି, ଭାଇ ନେଭିଲ୍, ମୁଁ ଏଠାରେ ବସିବି ଏବଂ ବର୍ତ୍ତମାନ ଆପଣଙ୍କୁ ପ୍ରଚାର କରୁଥିବାର ଶୁଣିବି।

107 [ଏହି ବାର୍ତ୍ତାରେ ଟିକେ ଆଗରୁ ଭାଇ ବ୍ରାନହାମ୍ ସେହି "ଛୋଟ ବିବରଣୀକୁ ସନ୍ନିବେଶ କରିବା" ବିଷୟରେ ଉଲ୍ଲେଖ କରିଥିଲେ ଯାହାକି ଭାଇ ଥୋମାସ୍ ଆର. ନିକେଲ୍, ପୂର୍ଣ୍ଣ ସୁସମାଚାର ପୁରୁଷମାନଙ୍କ ସ୍ୱରର ସମ୍ପାଦକ, ସେହି ପ୍ରବନ୍ଧର ପ୍ରଥମ ପୃଷ୍ଠାରେ ରଖିଥିଲେ, ଯାହାକି ଏହା କୁହେ: "**ପ୍ରଥମ ନଥିପୃଷ୍ଠାରେ ଥିବା ଫଟୋଚିତ୍ର ସମ୍ବନ୍ଧରେ**: ବାଇବଲର ଦିନମାନଙ୍କରେ, ପରମେଶ୍ୱରଙ୍କ ଲୋକମାନେ ଥିଲେ ଯେଉଁମାନେକି ଭବିଷ୍ୟଦ୍‌ବକ୍ତା ଏବଂ ଦର୍ଶୀ ଥିଲେ। ମାତ୍ର ସମସ୍ତ ପବିତ୍ର ଦସ୍ତାବେଜଗୁଡିକରେ, ଏମାନଙ୍କ ମଧ୍ୟରୁ କାହାରି ପାଖରେ ବି ୱିଲିୟମ୍ ବ୍ରାନହାମ୍‌ଙ୍କ ତୁଳନାରେ ଏକ ବଡ଼ ସେବାକାର୍ଯ୍ୟ ନ ଥିଲା, ଯିଏକି ପରମେଶ୍ୱରଙ୍କ ଜଣେ ଭବିଷ୍ୟଦ୍‌ବକ୍ତା ଏବଂ ଦର୍ଶୀ ଅଟନ୍ତି, ଯାହାର ଫଟୋଚିତ୍ର ପୂର୍ଣ୍ଣ ସୁସମାଚାର ପୁରୁଷମାନଙ୍କ ସ୍ୱରର ଏହି ସଂସ୍କରଣର ପ୍ରଥମ ନଥିପୃଷ୍ଠାରେ ଦେଖାଯାଉଛି। ବ୍ରାନହାମ୍‌ଙ୍କୁ ଯୀଶୁଙ୍କ ନାମରେ, ମୃତମାନଙ୍କୁ ପୁନରୁତ୍ଥିତ କରିବା ପାଇଁ, ପରମେଶ୍ୱରଙ୍କ ଦ୍ୱାରା ବ୍ୟବହୃତ କରା ଯାଇଅଛି!"—ସମ୍ପା।]

61-0305 ସମୟର ପର୍ଦ୍ଦାର ଆର ପାର୍ଶ୍ୱରେ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

# ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org